# ଅଧ୍ୟାୟ I

# ଓଡ଼ିଶା ସରକାରଙ୍କ ଅର୍ଥ ବ୍ୟବସ୍ଥା

ଏହି ଅଧ୍ୟାୟ 2018-19 ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଆର୍ଥିକ ସ୍ଥିତିର ଏକ ଲେଖା ପରୀକ୍ଷା ପରିପେକ୍ଷଣ ପ୍ରଦାନ କରୁଛି ଏବଂ ବିଗତ ପାଞ୍ଚ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ବିତ୍ତୀୟ ସର୍ବମୋଟ ଧାରାକୁ ଧ୍ୟାନରେ ରଖି ବର୍ଷ 2017-18 ବର୍ଷର ପ୍ରମୁଖ ଆର୍ଥିକ ପରିବର୍ତ୍ତନକୁ ବିଶ୍ଳେଷଣ କରୁଛି ।

ଏହି ବିଶ୍ଳେଷଣ ଓଡ଼ିଶା ସରକାରଙ୍କ ବିତ୍ତୀୟ ଲେଖା ଉପରେ ଆଧାରିତ । ରାଜ୍ୟର ଜନସଂଖ୍ୟା ଏବଂ ଅନ୍ୟ ବିସ୍ତୃତ ବୃତ୍ତାନ୍ତ ପରିଶିଷ୍ଟ-1.1 ରେ ଦର୍ଶାଯାଇଛି । ସରକାରୀ ଲେଖାର ବିନ୍ୟାସ ଭାଗ-**କ** ଏବଂ ବିତ୍ତୀୟ ଲେଖାର ଅଭିନ୍ୟାସ ଭାଗ-**ଖ** **ପରିଶିଷ୍ଟ 1.2** ରେ ଦିଆଯାଇଛି ।

## 1.1 ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦ (ଜିଏସଡ଼ିପି)

2018-19 ବର୍ଷରେ ଓଡ଼ିଶା ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦ (ଜିଏସଡ଼ିପି)[2] ବର୍ତ୍ତମାନ ମୂଲ୍ୟର 4,85,376 କୋଟି ଟଙ୍କା ଥିଲା । ଭାରତର ସାମଗ୍ରୀକ ଘରୋଇ ଉତ୍ପାଦର ବାର୍ଷିକ ବୃଦ୍ଧିର ବର୍ତ୍ତମାନ ମୂଲ୍ୟ ଓ ସ୍ଥିର ମୂଲ୍ୟ (ଆଧାର ବର୍ଷ : 2011-12) ଏବଂ ଜିଏସ୍‌ଡ଼ିପି ଧାରା **ସାରଣୀ 1.1** ରେ ଅଛି । ଓଡ଼ିଶାର ବିକାଶ ଦର 2018-19 ରେ ବର୍ତ୍ତମାନ ଓ ସ୍ଥିର ମୂଲ୍ୟ ଉପରେ ସର୍ବ ଭାରତୀୟ ହାରାହାରି ଠାରୁ ଅଧିକ ଥିଲା, କିନ୍ତୁ 2017-18 ରେ ଏହା ସର୍ବଭାରତୀୟ ହାରାହାରି ବିକାଶ ଦର ଠାରୁ କମ୍ ଥିଲା ।

### ସାରଣୀ 1.1 ଭାରତୀୟ ଜି.ଡ଼ି.ପି ଓ ରାଜ୍ୟର ଜି.ଏସ୍.ଡ଼ି.ପି

| ବର୍ଷ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| **ବର୍ତ୍ତମାନ ମୂଲ୍ୟ** | | | | | |
| ଭାରତର ଜି.ଡ଼ି.ପି (କୋଟିରେ) | 124,67,959 | 137,71,874 | 153,62,386 | 170,95,005 | 190,10,164 |
| ବିକାଶ ଦର (ପ୍ରତିଶତରେ) | 10.99 | 10.46 | 11.55 | 11.28 | 11.20 |
| ରାଜ୍ୟର ଜି.ଏସ.ଡ଼ି.ପି) (କୋଟିରେ) | 3,14,250 | 3,28,550 | 3,93,808 | 4,36,374 | 4,85,376 |
| ବିକାଶ ଦର (ପ୍ରତିଶତରେ) | 6.00 | 4.55 | 19.86 | 10.81 | 11.23 |
| ସ୍ଥିର ମୂଲ୍ୟ (ଆଧାର ବର୍ଷ : 2011-12) | | | | | |
| ଭାରତର ଜି.ଡ଼ି.ପି (କୋଟିରେ) | 105,27,674 | 113,69,493 | 122,98,327 | 131,79,857 | 140,77,586 |
| ବିକାଶ ଦର (ପ୍ରତିଶତରେ) | 7.41 | 8.00 | 8.17 | 7.17 | 6.81 |
| ରାଜ୍ୟର (ଜି.ଏସ.ଡ଼ି.ପି) (କୋଟିରେ) | 2,70,665 | 2,92,229 | 3,38,170 | 3,60,772 | 3,90,574 |
| ବିକାଶ ଦର (ପ୍ରତିଶତରେ) | 1.80 | 7.97 | 15.72 | 6.68 | 8.26 |

*__ଉତ୍ସ :__ ଜିଡିପି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (2015-16: ତୃତୀୟ ସଂଶୋଧିତ ଆକଳନ, 2016-17: ଦ୍ୱିତୀୟ ସଂଶୋଧିତ ଆକଳନ, 2017-18: ପ୍ରଥମ ସଂଶୋଧିତ ଆକଳନ ଏବଂ 2018-19: ସାମୟିକ)*

*__ଜିଏସଡିପି__ - ଅର୍ଥନୈତିକ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା, 2015-16: ତୃତୀୟ ସଂଶୋଧିତ ଆକଳନ,, 2016-17: ତୃତୀୟ ସଂଶୋଧିତ ଆକଳନ,, 2017-18: ଦ୍ୱିତୀୟ ସଂଶୋଧିତ ଆକଳନ ଏବଂ 2018-19: ପ୍ରଥମ ସଂଶୋଧିତ ଆକଳନ ।*

[2] ସାମଗ୍ରୀକ ଘରୋଇ ଉତ୍ପାଦ (ଜି.ଡ଼ି.ପି) ଓ ରାଜ୍ୟ ସାମଗ୍ରୀକ ଘରୋଇ ଉତ୍ପାଦ (ଜି.ଏସ.ଡ଼ି.ପି) ଦେଶ ଓ ରାଜ୍ୟ ଭିତରର ସରକାର ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଅନ୍ତିମ ବସ୍ତୁ ଓ ସେବାର ବଜାର ମୂଲ୍ୟକୁ ଦର୍ଶାଏ ଯାହାକି ନିର୍ଦ୍ଦିଷ୍ଟ ସମୟ ସୀମାରେ ଉତ୍ପାଦିତ ଅଟେ ଓ ଦେଶ ଓ ରାଜ୍ୟର ଅର୍ଥ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ ।

## 1.2 ଆର୍ଥିକ ନେଣଦେଣର ସାରାଂଶ

ରାଜ୍ୟ ସରକାରଙ୍କ ଆର୍ଥିକ ନେଣଦେଣର ସାରାଂଶ ବର୍ଷ 2018-19 ସହିତ 2017-18 ଓ 2016-17 ର ସାରଣୀ 1.2 ରେ ପ୍ରସ୍ତୁତ କରାଯାଇଛି । 2018-19 ରେ ପ୍ରାପ୍ତି ଏବଂ ବିତରଣ ସାଙ୍ଗରେ ସାମଗ୍ରୀକ ବିତ୍ତୀୟ ସ୍ଥିତିର ବିବରଣୀ ପରିଶିଷ୍ଟ 1.3 ରେ ଅଛି । ବର୍ଷ 2014-19 ପାଇଁ ସରକାରୀ ଅର୍ଥର ସମୟ ଶୃଙ୍ଖଳାର ତଥ୍ୟାବଳୀ ପରିଶିଷ୍ଟ 1.4 ରେ ଦିଆଯାଇଛି ।

ସାରଣୀ 1.2 : ଆର୍ଥିକ ନେଣଦେଣର ସାରାଂଶ

(କୋଟି ଟଙ୍କାରେ)

| ପ୍ରାପ୍ତି | | | | ବିତରଣ | | | |
|---|---|---|---|---|---|---|---|
| | 2016-17 | 2017-18 | 2018-19 | | 2016-17 | 2017-18 | 2018-19 |
| ଖଣ୍ଡ କ ରାଜସ୍ୱ ପ୍ରାପ୍ତି[3] | | | | | | | |
| | | | | | | | |
| ରାଜସ୍ୱ କର | 22,852 | 27,914 | 30,318 | ସାଧାରଣ ସେବା | 16,715 | 20,261 | 24,053 |
| ଅଣ କର ରାଜସ୍ୱ | 8,043 | 8,398 | 14,276 | ସାମାଜିକ ସେବା | 27,600 | 29,557 | 36,427 |
| କେନ୍ଦ୍ରୀୟ ସରକାରଙ୍କ କର/ ଶୁଳ୍କର ଭାଗ | 28,322 | 31,272 | 35,354 | ଅର୍ଥନୈତିକ ସେବା | 19,714 | 20,757 | 23,513 |
| ଭାରତ ସରକାରଙ୍କ ଠାରୁ ଅନୁଦାନ | 15,082 | 17,620 | 19,598 | ଅନୁଦାନ ଏବଂ ଅଂଶଦାନ | 1,012 | 1,262 | 1,363 |
| ମୋଟ ରାଜସ୍ୱ ପ୍ରାପ୍ତି | **74,299** | **85,204** | **99,546** | **ମୋଟ ରାଜସ୍ୱ ଖର୍ଚ୍ଚ** | **65,041** | **71,837** | **85,356** |
| ଖଣ୍ଡ ଖ ପୁଞ୍ଜି ହିସାବ[4] ଓ ଅନ୍ୟାନ୍ୟ | | | | | | | |
| ବିବିଧ ପୁଞ୍ଜିଗତ ପ୍ରାପ୍ତି | -- | -- | -- | ପୁଞ୍ଜିଗତ ବ୍ୟୟ | 18,471 | 21,109 | 23,482 |
| ଋଣ ଓ ଅଗ୍ରୀମର ଅସୁଲି | 89 | 257 | 305 | ଋଣ ଏବଂ ଅଗ୍ରିମର ବିତରଣ | 254 | 1,875 | 1,170 |
| ଋଣ ପ୍ରାପ୍ତି[5] | 11,223 | 12,862 | 10,003 | ସରକାରୀ ଋଣର ପରିଶୋଧ | 2,962 | 2,690 | 3,940 |
| ଆକସ୍ମିକ ପାଣ୍ଠି | 123 | -- | -- | ଆକସ୍ମିକ ପାଣ୍ଠି | -- | -- | 1,440 |
| ସରକାରଙ୍କ ହିସାବ ପ୍ରାପ୍ତି | 41,627 | 71,874 | 62,906 | ସରକାରୀ ହିସାବର ବିତରଣ | 38,080 | 56,439 | 50,085 |
| ପ୍ରାରମ୍ଭିକ ଅବଶେଷ | 12,048 | 14,601 | 30,848 | ଅନ୍ତିମ ରୋକଡ଼ ଅବଶେଷ | 14,601 | 30,848 | 38,135 |
| ସର୍ବମୋଟ | **1,39,409** | **1,84,798** | **2,03,608** | ମୋଟ | **1,39,409** | **1,84,798** | **2,03,608** |

**ଉତ୍ସ : ସଂବନ୍ଧୀୟ ବର୍ଷର ବିତ୍ତୀୟ ହିସାବ**

2018-19 ବର୍ଷରେ ରାଜ୍ୟର ଏକତ୍ରୀକୃତ ପାଣ୍ଠିର ସମ୍ବଳର ଗଠନ ଏବଂ ପ୍ରୟୋଗ ପରିଶିଷ୍ଟ 1.5 ରେ ଦିଆଯାଇଛି ।

## 1.3 ଆର୍ଥିକ ସ୍ଥିତିର ସମୀକ୍ଷା

### 1.3.1 ଆର୍ଥିକ ମାନଦଣ୍ଡ

ଆର୍ଥିକ ମାନଦଣ୍ଡର ତିନୋଟି ମୁଖ୍ୟ ବିତ୍ତୀୟ ମାନଦଣ୍ଡ ଯଥା – (କ) ରାଜସ୍ୱ ବଳକା[6] (ଖ) ଆର୍ଥିକ ନିଅଣ୍ଟ[7] ଏବଂ (ଗ) ପ୍ରାଥମିକ ନିୟଣ୍ଟ[8] ସରକାରଙ୍କର ଆର୍ଥିକ ସ୍ଥିତିର ଆକଳନ କରିବାରେ ସାହାଯ୍ୟ କରେ । ଯେଉଁଭଳି ଭାବେ ନିଅଣ୍ଟିଆ ଗୁଡ଼ିକୁ ବିତ୍ତୀୟ ଭରଣା କରାଯାଏ ତାହା ସରକାରଙ୍କ ଆର୍ଥାକ ସାସ୍ଥ୍ୟକୁ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରେ । ଚାର୍ଟ 1.1 ଏବଂ 1.2 ରେ ଥିବା ବିତ୍ତୀୟ ମାନଦଣ୍ଡର ଧାରାକୁ ଦର୍ଶାଯାଇଅଛି । ଋଣ ପୋଷଣୀୟତାର ଧାରା (ଋଣ ଏବଂ ଜିଏସଡ଼ିପିର ପ୍ରତିଶତରେ ଅନୁପାତ) ଏବଂ ମୋଟ ବକେୟା ଏବଂ ଦେୟତା ଜିଏସଡ଼ିପି ର ରେଖାଚିତ୍ର 1.3 ରେ ଦିଆଯାଇଛି ।

---

3 ରାଜସ୍ୱ ହିସାବ ରାଜ୍ୟର ବର୍ତ୍ତମାନ ଆୟ ଏବଂ ବ୍ୟୟର ହିସାବ ଅଟେ । ଏହି ଆୟ ମୁଖ୍ୟ ରୂପରେ କର ଓ ଶୁଳ୍କ ଦ୍ୱାରା ପ୍ରାପ୍ତ ହୋଇ ଥାଏ । ପ୍ରଦାନ କରାଯାଇ ଥିବା ସେବା ପାଇଁ ଶୁଳ୍କ, ଜରିମାନା ଏବଂ ଦଣ୍ଡ, ସରକାରୀ ସମ୍ପତ୍ତିରୁ ରାଜସ୍ୱ ଯେ ପରିକି ଜଙ୍ଗଲ ଏବଂ ଅନ୍ୟ ବିବିଧ ସମ୍ବଳରୁ ରାଜସ୍ୱ ପ୍ରାପ୍ତ ହୋଇଥାଏ ।

4 ପୁଞ୍ଜିଗତ ହିସାବ ଏକ ପୁଞ୍ଜି ଗତ ଖର୍ଚ୍ଚର ହିସାବ ଖାତା ଅଟେ ଯେପରି ଭବନ ନିର୍ମାଣ, ସଡ଼କ ନିର୍ମାଣ, ଜଳସେଚନ ଓ ବିଜୁଳି ପରିଯୋଜନା । ସେହି ଖର୍ଚ୍ଚ ଗୁଡ଼ିକ ବର୍ତ୍ତମାନ ରାଜସ୍ୱରୁ କରାନଯାଇ ଅନ୍ୟ ସମ୍ବଳରୁ କରାଯାଇଥାଏ । ଉଦାହରଣ ସ୍ୱରୂପ ଋଣ, ପୂର୍ବ ବର୍ଷ ବଳକା ରାଜସ୍ୱ ଯଦି ଥାଏ ଏବଂ ପୁଞ୍ଜିଗତ ପ୍ରାପ୍ତିରୁ ।

5 ସରକାରଙ୍କ ଦ୍ୱାରା ଉଠାଇଥିବା ଋଣରେ ଯଥା ବଜାର ଋଣ, ଭାରତୀୟ ଜୀବନ ବୀମା ନିଗମ ଠାରୁ ଋଣ ଓ କେନ୍ଦ୍ର ସରକାରଙ୍କ ଠାରୁ ଅଣାଯାଇଥିବା ଋଣ ଇତ୍ୟାଦି ଏବଂ କେନ୍ଦ୍ର ସରକାରଙ୍କ ଠାରୁ ଉଧାର ।

6 ବଳକା ରାଜସ୍ୱ = ରାଜସ୍ୱ ପ୍ରାପ୍ତି – ରାଜସ୍ୱ ବ୍ୟୟ

7 ଆର୍ଥିକ ନିୟଣ୍ଟ = ରାଜସ୍ୱ ବ୍ୟୟ + ପୁଞ୍ଜିଗତ ବ୍ୟୟ + ନୀଟ ଋଣ ଏବଂ ଅଗ୍ରୀମ (-)ରାଜସ୍ୱ ପ୍ରାପ୍ତି (-)ବିବିଧ ପୁଞ୍ଜି ପ୍ରାପ୍ତି

8 ପ୍ରାଥମିକ ନିୟଣ୍ଟ = ଆର୍ଥିକ ନିୟଣ୍ଟ – ସୁଧ ପୈଠ

ରେଖାଚିତ୍ର **1.1:** ଆର୍ଥିକ ମାନଦଣ୍ଡର ଧାରା




ରେଖାଚିତ୍ର **1.2:** ଆର୍ଥିକ ମାନଦଣ୍ଡ ବନାମ ଜିଏସଡ଼ିପି




ରେଖାଚିତ୍ର **1.3:** ଋଣ ପୋଷଣୀୟତା ଯଥା ଋଣ ଜିଏଡ଼ିପିର ଅନୁପାତ




ଉତ୍ସ : ବିତ୍ତୀୟ ହିସାବ

# କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ତ ଋଣ ଏବଂ ଅଗ୍ରୀମ ଏବଂ ସରକାରୀ ହିସାବ ଦେୟତା ସହିତ ଆଭ୍ୟନ୍ତରୀଣ ଋଣ ନେଇ ସରକାରୀ ଋଣ ଗଠିତ ।

ମୁଖ୍ୟ ଧାରାର କିଛି ବିତ୍ତୀୟ ମାନଦଣ୍ଡ ନିମ୍ନରେ ଆଲୋଚନା କରାଯାଇଅଛି:

- **ବଳକା ରାଜସ୍ୱ-** ବିତ୍ତୀୟ ଲେଖା ଅନୁସାରେ 2017-18 ରେ ରାଜ୍ୟର ରାଜସ୍ୱ ବଳକା (14,190 କୋଟି ଟଙ୍କା) ପୂର୍ବ ବର୍ଷ ତୁଳନାରେ (13,367 କୋଟି ଟଙ୍କା) ରୁ 823 କୋଟି ଟଙ୍କା ବୃଦ୍ଧି ହୋଇଥିଲା । 22 ବର୍ଷ ଅନ୍ତରାଳରେ 2005-06 ରୁ ରାଜ୍ୟର ରାଜସ୍ୱ ବଳକା ହୋଇ ଆସୁଅଛି ଏବଂ ରାଜ୍ୟ 481 କୋଟି ଟଙ୍କାର ରାଜସ୍ୱ ବଳକା କରିବାରେ ସମର୍ଥ ହୋଇଛି । 2018-19 ରେ ଯଦିଓ ରାଜସ୍ୱ ପ୍ରାପ୍ତିର ବୃଦ୍ଧି (16.83 ପ୍ରତିଶତ) ରାଜସ୍ୱ ଖର୍ଚ୍ଚର ବୃଦ୍ଧି (18.82 ପ୍ରତିଶତ) ଠାରୁ ପୂର୍ବ ବର୍ଷ ତୁଳନାରେ କମ୍ ଥିଲା, କିନ୍ତୁ ରାଜସ୍ୱ ବଳକାରେ ସାମାନ୍ୟ ବୃଦ୍ଧି ପୂର୍ବ ବର୍ଷ ଅପେକ୍ଷା ପରିଲକ୍ଷିତ ହୋଇଥିଲା । ଏହି ସଫଳତା ରାଜ୍ୟର ଏଫ୍‌ଆର୍‌ବିଏମ୍ (ସଂଶୋଧନ) ନିୟମ 2016 ର ଅନୁରୂପ ଥିଲା । ଯାହାକି ରାଜସ୍ୱ ନିଅଣ୍ଟକୁ ଶୂନରେ ପରିଣତ କରିବା ପାଇଁ 2011-12 ଠାରୁ ନିର୍ଦ୍ଧାରିତ ହୋଇଥିଲା । ରାଜସ୍ୱ ପ୍ରାପ୍ତିର ରାଜସ୍ୱ ବଳକା ପ୍ରତିଶତ 2017-18 ରେ ଥିବା 15.69 ପ୍ରତିଶତରୁ ହ୍ରାସ ପାଇ 2018-19 ରେ 14.25 ପ୍ରତିଶତ ହୋଇଥିଲା ।

- **ବିତ୍ତୀୟ ନିଅଣ୍ଟ-** 2018-19 ମଧ୍ୟରେ ବିତ୍ତୀୟ ନିଅଣ୍ଟ (10,157 କୋଟି ଟଙ୍କା) ପୂର୍ବ ବର୍ଷ (9,360 କୋଟି ଟଙ୍କା) ତୁଳନାରେ 797 କୋଟି ଟଙ୍କା ବୃଦ୍ଧି ହୋଇଥିଲା । ବିତ୍ତୀୟ ନିଅଣ୍ଟ ଜିଏସଡ଼ିପି ର 2.09 ପ୍ରତିଶତ ଥିଲା ଏବଂ ଏଫଆରବିଏମ (ସଂଶୋଧନ) ଆଇନ୍ 2016 ରେ ବିତ୍ତୀୟ ନିଅଣ୍ଟ 3.5 ପ୍ରତିଶତ ମଧ୍ୟରେ ରଖିବାକୁ ବିତ୍ତୀୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଯାହାହେଉ, ବ୍ୟୟ କମ୍ ଯୋଗୁଁ ଏହି ଲକ୍ଷ୍ୟ ହାସଲ କରାଯାଇଥିଲା ।

- **ପ୍ରାଥମିକ ନିଅଣ୍ଟ-** 2018-19 ରେ ପ୍ରାଥମିକ ନିୟଣ୍ଟ (4,357 କୋଟି ଟଙ୍କା) ପୂର୍ବ ବର୍ଷ (4,372 କୋଟି ଟଙ୍କା) ତୁଳନାରେ 15 କୋଟି ଟଙ୍କା କମ୍ ହୋଇଥିଲା । ଯଦିଓ ପ୍ରାଥମିକ ନିୟଣ୍ଟ କମ୍ ହୋଇଥିଲା, ଏହା ସ୍ପଷ୍ଟ ହୋଇ ଥିଲା ଯେ ଅଣ ଋଣ ପ୍ରାପ୍ତି[9] (99,851 କୋଟି ଟଙ୍କା) ପ୍ରାଥମିକ ବ୍ୟୟ (1,04,208 କୋଟି ଟଙ୍କା) କୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ନ ଥିଲା ।

ଏଫ୍.ଆର.ବି.ଏମ୍ (ସଂଶୋଧନ) ଆଇନ୍ 2016 ଅନୁଯାୟୀ ଋଣ ଏବଂ ଜିଏସଡ଼ିପି ର ଅନୁପାତ (ପ୍ରତିଶତରେ) ବର୍ଷ 2015-16 ରୁ 2019-20 ପାଇଁ 25 ପ୍ରତିଶତ ରୁ କମ୍ ଅଥବା ସମତୁଲ୍ୟ ରଖିବା ଦରକାର ଥିଲା । ଋଣ ଏବଂ ଜିଏସଡ଼ିପିର ଅନୁପାତ (22.30 ପ୍ରତିଶତ), ଯଦିଓ 2017-18 ଅପେକ୍ଷା (22.27 ପ୍ରତିଶତ) ଖୁବ୍ କମ୍ ବୃଦ୍ଧି ଘଟିଥିଲା, ଏହା ରାଜ୍ୟର ଏଫ୍ଆର୍ବିଏମ୍ (ସଂଶୋଧନ) ଆଇନ୍ 2016 ରେ ନିର୍ଦ୍ଧାରିତ ଆର୍ଥିକ ଲକ୍ଷ୍ୟକୁ ପୁରା କରୁଥିଲା ।

ଏହା ପରିଲକ୍ଷିତ ହୋଇଥିଲା ଯେ ନିମ୍ନଲିଖିତ କାରଣରୁ ରାଜସ୍ୱ ବଳକା 1,494.89 କୋଟି ଟଙ୍କା ରୁ ଅଧିକ ଦର୍ଶାଯାଇ ଥିଲା ଏବଂ ଆର୍ଥିକ ନିୟଣ୍ଟକୁ ସମତୁଳନାରେ କମ୍ ଦର୍ଶାଯାଇଥିଲା–

**(i)** ନୂତନ ପେନ୍ସନ ଯୋଜନା ପାଇଁ ସରକାରଙ୍କ ଅଧିକ ଅଂଶଦାନ । **(ii)** ଜମା ଉପରେ ସୁଧ ପ୍ରଦାନ ନହେବା **(iii)** ରାଜ୍ୟ ବିପର୍ଯ୍ୟୟ ଜବାବୀ ପାଣ୍ଠିରେ ସୁଧ ପ୍ରଦାନ ନହେବା **(iv)** ଓଡ଼ିଶା ଆକସ୍ମିକ ପାଣ୍ଠିର ଭରଣା ହୋଇନଥିବା ବଳକା **(v)** ୱେଲଫେୟାର ବୋର୍ଡକୁ ଶ୍ରମିକ କଲ୍ୟାଣ ଉପକର ସ୍ଥାନାନ୍ତର ନହେବା **(vi)** ପଞ୍ଚାୟତି ରାଜ ଅନୁଷ୍ଠାନକୁ ଭୂରାଜସ୍ୱ ଉପକର ସ୍ଥାନାନ୍ତରଣ ନହେବାର ସମୁଦାୟ ବିବରଣୀ **ସାରଣୀ 1.3** ରେ ଦର୍ଶାଯାଇଛି ।

ସାରଣୀ 1.3 : ରାଜସ୍ୱ ବଳକା ଓ ଆର୍ଥିକ ନିୟଣ୍ଟର ପ୍ରଭାବ

| ସବିଶେଷ ବିବରଣୀ | ରାଜସ୍ୱ ବଳକାର ପ୍ରଭାବ (କୋଟି ଟଙ୍କାରେ) | | ଆର୍ଥିକ ନିୟଣ୍ଟର ପ୍ରଭାବ (କୋଟି ଟଙ୍କାରେ) | |
|---|---|---|---|---|
| | ଅଧିକ ଦର୍ଶାଯାଇଥିବା | କମ୍ ଦର୍ଶାଯାଇଥିବା | ଅଧିକ ଦର୍ଶାଯାଇଥିବା | କମ୍ ଦର୍ଶାଯାଇଥିବା |
| ଜାତୀୟ ପେନସନ ଯୋଜନାରେ ଅଧିକ ଅଂଶଦାନ ***(ଅନୁଚ୍ଛେଦ 1.5.3.3)*** | -- | 6.33 | 6.33 | -- |
| ଜମା ଉପରେ ସୁଧ ପ୍ରଦାନ ନକରିବା(ସୁଧ ବାହକ) ***(ଅନୁଚ୍ଛେଦ1.6.2.2)*** | 2.93 | -- | -- | 2.93 |
| ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିକୁ ସୁଧ ପ୍ରଦାନ ନକରିବା ***(ଅନୁଚ୍ଛେଦ1.6.2.2)*** | 7.62 | -- | -- | 7.62 |
| ଓଡ଼ିଶା ଆକସ୍ମିକ ପାଣ୍ଠିର ଅବଶେଷ ଭରଣା ନହେବା ***(ଅନୁଚ୍ଛେଦ 2.3)*** | 1,440.22 | -- | -- | 1,440.22 |
| କଲ୍ୟାଣ ପରିଷଦକୁ ଶ୍ରମିକ କଲ୍ୟାଣ ଉପକର ସ୍ଥାନାନ୍ତର ନହେବା ***(ଅନୁଚ୍ଛେଦ3.6.3)*** | 2.38 | -- | -- | 2.38 |
| ପଞ୍ଚାୟତି ରାଜ ଅନୁଷ୍ଠାନକୁ ଭୂ-ରାଜସ୍ୱ ଉପକର ସ୍ଥାନାନ୍ତର ନହେବା ***(ଅନୁଚ୍ଛେଦ 1.4.2.1)*** | 48.07 | -- | -- | 48.07 |
| ମୋଟ (ନିଟ୍ ପ୍ରଭାବ) | **1,494.89 (ଅଧିକ ଦର୍ଶାଇବା)** | | **1,494.89 (ଅଧିକ ଦର୍ଶାଇବା)** | |

ଉତ୍ସ : ବିତ୍ତୀୟ ହିସାବ

[9] ଅଣ ଋଣ ପ୍ରାପ୍ତି = ରାଜସ୍ୱ ପ୍ରାପ୍ତି + ବିବିଧ ପୁଞ୍ଜି ପ୍ରାପ୍ତି + ଋଣ ଓ ଅଗ୍ରୀମର ଅସୁଲି ।

ପ୍ରଭାବୀ ରୂପରେ 2018-19 ରେ ରାଜ୍ୟର ରାଜସ୍ୱ ବଳକା ଓ ଆର୍ଥିକ ନିଅଣ୍ଟ କ୍ରମଶଃ 12,695 କୋଟି ଟଙ୍କା ଆଉ 11,652 କୋଟି ଟଙ୍କା ଥିଲା ।

### *1.3.1.1 ବିତ୍ତୀୟ ନିଅଣ୍ଟର ଗଠନ ଏବଂ ଅର୍ଥ ଯୋଗାଣର ଢାଞ୍ଚା*

ରାଜସ୍ୱ ଏବଂ ଅଣ ଋଣ ପ୍ରାପ୍ତି ଠାରୁ ଅଧିକ ହେଉଥିବା ରାଜସ୍ୱ ଏବଂ ପୁଞ୍ଜିଗତ ବ୍ୟୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ରାଜ୍ୟ ଆବଶ୍ୟକ କରୁଥିବା ଅର୍ଥକୁ ବିତ୍ତୀୟ ନିଅଣ୍ଟ କୁହାଯାଏ । ଏହା ମୁଖ୍ୟ ରୂପରେ ରିଜର୍ଭ ବ୍ୟାଙ୍କରେ କରାଯାଇଥିବା ନିବେଶ ଏବଂ ଋଣ ତଥା ରଖାଯାଇଥିବା ରୋକଡ଼ ଦ୍ୱାରା ଭରଣା କରାଯାଇଥାଏ । ବିତ୍ତୀୟ ନିଅଣ୍ଟର ଗଠନ ଏବଂ ଅର୍ଥ ଯୋଗାଣର ଢାଞ୍ଚା **ସାରଣୀ 1.4** ରେ ଦର୍ଶାଯାଇଅଛି ।

ସାରଣୀ **1.4:** ବିତ୍ତୀୟ ନିଅଣ୍ଟର ଉପାଦାନ ସମୂହ ଏବଂ ଅର୍ଥ ଯୋଗାଣ ପ୍ରଣାଳୀ

(କୋଟି ଟଙ୍କାରେ)

| ସବିଶେଷ ବିବରଣୀ | | 2014-15 | 2015-16 | 2016-17 | 2017-18 | 2018-19 | | |
|---|---|---|---|---|---|---|---|---|
| | | ନିଟ୍ | ନିଟ୍ | ନିଟ୍ | ନିଟ୍ | ପ୍ରାପ୍ତି | ବିତରଣ | ନିଟ୍ |
| **କ.** | ବିତ୍ତୀୟ ନିଅଣ୍ଟର ବିଘଟନ ( **1 ରୁ 3)** | **(-) 5,479** | **(-)7,064** | **(-)9,378** | **(-)9,360** | **99,851** | **1,10,008** | **(-) 10157** |
| 1 | ରାଜସ୍ୱ ବଳକା | 5,862 | 10,135 | 9,258 | 13,367 | 99,546 | 85,356 | 14,190 |
| 2 | ପୁଞ୍ଜିଗତ ବ୍ୟୟ | (-) 11,075 | (-) 17,090 | (-) 18,471 | (-) 21,109 | -- | 23,482 | (-) 23,482 |
| 3 | ନିଟ୍ ଋଣ ଏବଂ ଅଗ୍ରୀମ | (-) 266 | (-) 109 | (-)165 | (-)1,618 | 305 | 1170 | (-) 865 |
| **ଖ** | ବିତ୍ତୀୟ ନିଅଣ୍ଟ*/ବଳକାର ଅର୍ଥ ଯୋଗାଣକାରୀ ପଦ୍ଧତି | | | | | | | |
| **1** | ନିଟ୍ ଧାର | **3,534** | **6,909** | **8,261** | **10,172** | **10,003** | **3,940** | **6,063** |
| କ | ଆନ୍ତରୀଣ ଧାର# | 3,655 | 6,797 | 8,028 | 10,031 | 9,020 | 3,183 | 5837 |
| ଖ | ଭାରତ ସରକାରଙ୍କଠାରୁ ଋଣ | (-)121 | 112 | 233 | 141 | 983 | 757 | 226 |
| **2** | ନିଟ୍ ସରକାରୀ ଖାତା | **2,054** | **2,331** | **3,546** | **15,435** | **62,906** | **50,085** | **12,821** |
| କ | ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | 1,073 | 1,835 | 1,857 | 1,558 | 5,126 | 3,378 | 1,748 |
| ଖ | ସଂରକ୍ଷିତ ପାଣ୍ଠି | (-)35 | 285 | 1,145 | (-)86 | 10,673 | 3,761 | 6,912 |
| ଗ | ଜମା ଏବଂ ଅଗ୍ରୀମ | 915 | 230 | 607 | 13,897 | 22,527 | 18,325 | 4,202 |
| ଘ | ଅନିଶ୍ଚୟତା ଏବଂ ବିବିଧ | 99 | (-) 32 | (-)10 | 78 | 34 | 88 | (-) 54 |
| ଙ | ଟଙ୍କା ପ୍ରେରଣ | 2 | (-) 51 | (-) 53 | (-) 12 | 24,546 | 24,533 | 13 |
| **3** | ଆକସ୍ମିକ ପାଣ୍ଠି | **150** | **(-) 123** | **123** | **--** | **--** | **(-)1,440** | **(-) 1,440** |
| **4** | ମୋଟ **(1 ରୁ 3)** | **5,738** | **9,117** | **11,930** | **25,607** | **72,909** | **54,025** | **17,444** |
| **5** | ଜମା ରାଶିର ବୃଦ୍ଧି**(-)** / ହ୍ରାସ **(+)** | (-) 259 | (-) 2,053 | (-) 2,552 | ( -) 16,247 | -- | -- | (-) 7287 |
| **6** | ସର୍ବମୋଟ ବଳକା / ନିଅଣ୍ଟ **(4+5)** | **5,479** | **7,064** | **9,378** | **9,360** | **--** | **--** | **10,157** |

ଉତ୍ସ : ସଂବନ୍ଧିତ ବର୍ଷର ବିତ୍ତୀୟ ହିସାବ

# ବଜାର ଋଣ ଏବଂ ଅନ୍ୟ ସଂସ୍ଥାଠାରୁ ଅଣାଯାଇଥିବା ଋଣ ଅନ୍ତର୍ଭୁକ୍ତ

* ବର୍ଷ ମଧ୍ୟରେ ବିତରଣ /ବାହ୍ୟ ଖର୍ଚ୍ଚର ସମସ୍ତ ଅଙ୍କ

### 1.3.1.2 ନିଅଣ୍ଟ / ବଳକାର ଗୁଣବତ୍ତା

ନିଅଣ୍ଟ/ବଳକାର ଗୁଣବତ୍ତା ବୁଝିବାକୁ ହେଲେ, ପ୍ରାଥମିକ ବ୍ୟୟକୁ ବୁଝିବା ମୁଖ୍ୟ ଅଟେ । ପ୍ରାଥମିକ ନିଅଣ୍ଟର ବିଭାଜନ ଯାହାର ସବିଶେଷ ବିବରଣୀ ସାରଣୀ 1.5 ରେ ଦର୍ଶାଯାଇଛି ଯେ, ପୁଞ୍ଜିଗତ ବ୍ୟୟର ବୃଦ୍ଧି ପାଇଁ ନିଅଣ୍ଟ କେତେ ପର୍ଯ୍ୟନ୍ତ ହୋଇଛି, ତାହା ସରକାରଙ୍କର ଉତ୍ପାଦକ କ୍ଷମତାରେ ସୁଧାର ପାଇଁ ବାଂଛନୀୟ ହୋଇ ପାରେ ।

**ସାରଣୀ 1.5: ପ୍ରାଥମିକ ନିଅଣ୍ଟ / ବଳକା – ଉପାଦାନର ବିଭାଜନ**

(କୋଟି ଟଙ୍କାରେ)

| ବର୍ଷ | ଅଣ ଋଣ ପ୍ରାପ୍ତି | ପ୍ରାଥମିକ ରାଜସ୍ୱ ଖର୍ଚ୍ଚ [10] | ପୁଞ୍ଜିଗତ ଖର୍ଚ୍ଚ | ଋଣ ଏବଂ ଅଗ୍ରୀମ | ପ୍ରାଥମିକ ରାଜସ୍ୱ ବଳକା | ପ୍ରାଥମିକ ରାଜସ୍ୱ ବଳକା [11] (+) | ପ୍ରାଥମିକ ବଳକା (+) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 (3+4+5) | 7 (2-3) | 8 (2-6) |
| 2014-15 | 57,090 | 48,326 | 11,075 | 358 | 59,759 | 8,765 | (-)2,669 |
| 2015-16 | 69,169 | 55,463 | 17,090 | 337 | 72,890 | 13,706 | (-)3,721 |
| 2016-17 | 74,388 | 61,006 | 18,471 | 254 | 79,731 | 13,382 | (-)5,343 |
| 2017-18 | 85,461 | 66,849 | 21,109 | 1,875 | 89,833 | 18,612 | (-)4,372 |
| 2018-19 | 99,851 | 79,556 | 23,482 | 1,170 | 1,04,208 | 20,295 | (-)4,357 |

ଉତ୍ସ : ସଂବନ୍ଧିତ ବର୍ଷର ବିତ୍ତୀୟ ହିସାବ ।

ଉପରୋକ୍ତ ସାରଣୀରୁ ପରିଲକ୍ଷିତ ହୁଏ ଯେ ପ୍ରାଥମିକ ଖର୍ଚ୍ଚକୁ ସମ୍ମୁଖୀନ ହେବାରେ ଅଣ-ଋଣ ପ୍ରାପ୍ତି ଅପର୍ଯ୍ୟାପ୍ତ ଥିଲା । ପ୍ରାଥମିକ ଖର୍ଚ୍ଚକୁ ସମ୍ମୁଖୀନ ହେବାରେ ପର୍ଯ୍ୟାପ୍ତ ଥିବା ଯଦିଓ ବିଗତ ପାଞ୍ଚ ବର୍ଷର ଧାରା ଦର୍ଶାଉଥିଲା, ତଥାପି ଏଗୁଡ଼ିକ ପୁଞ୍ଜିଗତ ଖର୍ଚ୍ଚକୁ ସାମନା କରିବାରେ ଅକ୍ଷମ ଥିଲେ ।

## 1.3.2 ବଜେଟ ଆକଳନ ଏବଂ ବାସ୍ତବିକ ତଥ୍ୟ

ବଜେଟ ପ୍ରସ୍ତୁତି ସମୟରେ ଘଟିଥିବା ଅପ୍ରତ୍ୟାଶିତ ଏବଂ ଅନିଶ୍ଚିତ ଘଟଣା ଯୋଗୁଁ ଅଥବା ଖର୍ଚ୍ଚ ତଥା ରାଜସ୍ୱର କମ୍/ଅଧିକ ଆକଳନ ଯୋଗୁଁ ଯଦି ପ୍ରକୃତ ପ୍ରାପ୍ତି ଏବଂ ଖର୍ଚ୍ଚରେ ଅଭାବ ଦେଖାଦିଏ, ଏହା ଆବଶ୍ୟକ ଆର୍ଥିକ ଲକ୍ଷ୍ୟକୁ ଖରାପ ଭାବରେ ପ୍ରଭାବିତ କରେ । 2018-19 ବର୍ଷ ପାଇଁ ବାସ୍ତବିକ ରାଜସ୍ୱ ମାନଦଣ୍ଡର ବଜେଟ ଆକଳନ ରେଖାଚିତ୍ର 1.4 ରେ ଦର୍ଶାଯାଇଛି ।

**ରେଖାଚିତ୍ର 1.4: 2018-19 ବର୍ଷ ପାଇଁ ବଜେଟ ଆକଳନ ଏବଂ ପ୍ରକୃତ ଆୟ ବ୍ୟୟ**




ଉତ୍ସ : ବିତ୍ତୀୟ ହିସାବ /ଋଣ ଶୋଧନ ଏବଂ ବଜେଟ 2018-19 ଏକ ଦୃଷ୍ଟିରେ .

---

[10] ପ୍ରାଥମିକ ରାଜସ୍ୱ ଖର୍ଚ୍ଚ = ରାଜସ୍ୱ ଖର୍ଚ୍ଚ– ସୁଧ ପରିଶୋଧ

[11] ପ୍ରାଥମିକ ରାଜସ୍ୱ ଖର୍ଚ୍ଚ ବଳକା = ଅଣ ଋଣ ପ୍ରାପ୍ତି ( ରାଜସ୍ୱ ପ୍ରାପ୍ତି + ବିବିଧ ପୁଞ୍ଜି ପ୍ରାପ୍ତି + ଋଣ ବସୁଲୀ) - ପ୍ରାଥମିକ ରାଜସ୍ୱ ଖର୍ଚ୍ଚ

ଉପରୋକ୍ତ ରେଖାଚିତ୍ରରୁ ଏହା ଅବଲୋକନ କରାଗଲା ଯେ:

- ରାଜସ୍ୱ ପ୍ରାପ୍ତି ବଜେଟ ଆକଳନ ଠାରୁ 654 କୋଟି ଟଙ୍କା ନିଅଣ୍ଟିଆ ଥିଲା । ରାଜ୍ୟର ସଂଗୃହୀତ ନିଜସ୍ୱ ରାଜସ୍ୱ କର ଏବଂ ଅଣ ରାଜସ୍ୱ କର ବଜେଟ ଆକଳନ ଯଥାକ୍ରମେ 1,768 କୋଟି ଟଙ୍କା ଏବଂ 3,976 କୋଟି ଟଙ୍କା ଆକଳନ ଠାରୁ ଅଧିକ ଥିଲା । ଯାହାଫଳରେ କେନ୍ଦ୍ର ସରକାରଙ୍କ ଠାରୁ ଅନୁଦାନ ଏବଂ କେନ୍ଦ୍ରୀୟ କରର ରାଜ୍ୟ ଅଂଶଦାନ ଯଥାକ୍ରମେ 5,166 କୋଟି ଟଙ୍କା ଏବଂ 1,232 କୋଟି ଟଙ୍କା ବଜେଟ୍ ଆକଳନ ଅପେକ୍ଷା କମ୍ ପ୍ରାପ୍ତ କରିଥିଲେ ।
- ରାଜସ୍ୱ ବ୍ୟୟ ବଜେଟ ଅନୁମାନ ଠାରୁ 5.39 ପ୍ରତିଶତ କମ୍ ଥିଲା । ଯାହାକି ସାଧାରଣ କ୍ଷେତ୍ରରେ 2,669 କୋଟି ଟଙ୍କା ଏବଂ ସାମାଜିକ କ୍ଷେତ୍ରରେ 1,992 କୋଟି ଟଙ୍କା କମ ଖର୍ଚ୍ଚ ହୋଇଥିବା ଯୋଗୁଁ ହୋଇଥିଲା ।
- ବ୍ୟୟର ଖର୍ଚ୍ଚ କାଟ ଯୋଗୁଁ ବିତ୍ତୀୟ ନିଅଣ୍ଟ ବଜେଟ ଅନୁମାନ ଠାରୁ 34.56 ପ୍ରତିଶତ କମ୍ ଥିଲା ।

ସୁପାରିଶ 1 : ଅର୍ଥ ବିଭାଗ ବଜେଟ ପ୍ରସ୍ତୁତିକରଣକୁ ତର୍କ ସଂଗତ କରିବା ଉଚିତ୍ ତାହା ଦ୍ୱାରା ବଜେଟ୍ ଆକଳନ ଏବଂ ଆୟ ବ୍ୟୟର ପ୍ରଭେଦକୁ କମ୍ କରିହେବ । ପ୍ରଭାବୀ ବଜେଟ ପଦ୍ଧତି ପାଇଁ ବଜେଟ୍ ଆକଳନ ଏମିତି ହେବା ଦରକାର କି ଆକଳନ ଅଧିକ ପ୍ରକୃତ ରାଜସ୍ୱ ଏବଂ ପ୍ରାକଳନର ଆବଶ୍ୟକତା ରହିଛି ।

## 1.4 ରାଜ୍ୟର ଆର୍ଥିକ ସମ୍ବଳ

### 1.4.1 ବାର୍ଷିକ ଆର୍ଥିକ ହିସାବ ଅନୁସାରେ ରାଜ୍ୟର ସମ୍ବଳ

ରାଜସ୍ୱ କର, ଅଣ ରାଜସ୍ୱ କର, କେନ୍ଦ୍ରୀୟ କର ରୁ ରାଜ୍ୟର ଭାଗ ଏବଂ ଭାରତ ସରକାରଙ୍କଠାରୁ ମିଳୁଥିବା ଅନୁଦାନ ଗୁଡ଼ିକୁ ନେଇ ରାଜସ୍ୱ ପ୍ରାପ୍ତି ଗଠିତ । ଋଣ ଓ ଅଗ୍ରୀମ ଆଦାୟ, ଆଭ୍ୟନ୍ତରୀଣ ଉତ୍ସରୁ ଋଣ ପ୍ରାପ୍ତି (ବଜାର ଋଣ, ଆର୍ଥିକ ଅନୁଷ୍ଠାନ /ବ୍ୟବସାୟୀକ ବ୍ୟାଙ୍କଗୁଡ଼ିକରୁ ଋଣ) ଏବଂ ଭାରତ ସରକାରଙ୍କ ଠାରୁ ଋଣ ଏବଂ ଅଗ୍ରୀମକୁ ନେଇ ପୁଞ୍ଜିପ୍ରାପ୍ତି ଗଠିତ । କ୍ଷୁଦ୍ର ସଞ୍ଚୟ, ଭବିଷ୍ୟନିଧି, ସଂରକ୍ଷିତ ପାଣ୍ଠି, ଜମା, ସସ୍‌ପେନ୍‌ସ୍ ଏବଂ ଅର୍ଥ ପ୍ରେରଣ ଇତ୍ୟାଦିର ବିତରଣ ପରେ ଅବଶିଷ୍ଟାଂଶକୁ ନେଇ ନିଟ୍ ସରକାରୀ ହିସାବ ପ୍ରାପ୍ତି ସଂଗଠିତ । ସରକାରୀ ହିସାବର ବିତରଣ ପରେ ଅବଶିଷ୍ଟାଂଶ ସରକାରଙ୍କ ପାଖରେ ଖର୍ଚ୍ଚ ପାଇଁ ଉପଲବ୍ଧ । ବର୍ଷ 2018-19 ରେ ରାଜ୍ୟର ସମ୍ବଳଗୁଡ଼ିକର (1,22,675 କୋଟି ଟଙ୍କା) ସଂପୂର୍ଣ୍ଣ ଗଠନ ରେଖାଚିତ୍ର 1.5 ରେ ପ୍ରଦତ୍ତ :

**ରେଖାଚିତ୍ର 1.5: ସମ୍ବଳଗୁଡ଼ିକର ଗଠନ (2018-19)**




ଉତ୍ସ : ବିତ୍ତୀୟ ହିସାବ

ଉପରୋକ୍ତ ଚାର୍ଟ ଦର୍ଶାଉଅଛି ଯେ, 2018-19 ବର୍ଷରେ ରାଜ୍ୟର ସମୁଦାୟ ସମ୍ବଳ (1,22,675 କୋଟି ଟଙ୍କା)ର 81.15 ପ୍ରତିଶତ ରାଜସ୍ୱପ୍ରାପ୍ତି (99,546 କୋଟି ଟଙ୍କା) ଥିଲା । ସମୁଦାୟ ସମ୍ବଳର 10.45 ପ୍ରତିଶତ ଓ 8.40 ପ୍ରତିଶତ କ୍ରମାନ୍ୱୟରେ ନିଟ୍ ସରକାରୀ ହିସାବ ପ୍ରାପ୍ତି (12,821 କୋଟି ଟଙ୍କା) ଏବଂ ପୁଞ୍ଜି ପ୍ରାପ୍ତି (10,308 କୋଟି ଟଙ୍କା) ଥିଲା ।

2014-19 ବର୍ଷ ମଧ୍ୟରେ ରାଜ୍ୟର ସମୁଦାୟ ସମ୍ବଳର ବିଭିନ୍ନ ଉପାଦନ ଗୁଡ଼ିକ ବିଷଦଭାବରେ ରେଖାଚିତ୍ର 1.6 ରେ ଦର୍ଶାଯାଇଛି ।

**ରେଖାଚିତ୍ର 1.6: 2014-19 ମଧ୍ୟରେ ରାଜ୍ୟର ସମ୍ବଳ**




ଉତ୍ସ :ସଂପୃକ୍ତ ବର୍ଷଗୁଡ଼ିକର ବିତ୍ତୀୟ ହିସାବ

## 1.4.2 ରାଜସ୍ୱ ପ୍ରାପ୍ତି

ସରକାରଙ୍କର ରାଜସ୍ୱ ପ୍ରାପ୍ତିର ସବିସ୍ତାର ବିବରଣୀ ବିତ୍ତୀୟ ହିସାବର ବିବରଣୀ-14 ରେ ଦର୍ଶାଯାଇଛି । ସରକାରଙ୍କର ରାଜସ୍ୱ ପ୍ରାପ୍ତି (99,546 କୋଟି ଟଙ୍କା) ଯାହା ଜିଏସଡ଼ିପି (4,85,376 କୋଟି ଟଙ୍କା)ର 16.83 ପ୍ରତିଶତ ବୃଦ୍ଧି ଘଟିଥିଲା । କିନ୍ତୁ, ରାଜସ୍ୱ ପ୍ରାପ୍ତି ବଜେଟ୍ ଆକଳନ ଠାରୁ 654 କୋଟି ଟଙ୍କା କମ୍ ଥିଲା । ବର୍ଷ 2014-15 ରୁ 2018-19 ମଧ୍ୟରେ ରାଜସ୍ୱ ପ୍ରାପ୍ତିର ଧାରା ଓ ଗଠନ ରେଖାଚିତ୍ର 1.7 ରେ ଦର୍ଶାଯାଇଛି ।

**ରେଖାଚିତ୍ର 1.7 : ବର୍ଷ 2014-15 ଠାରୁ 2018-19 ମଧ୍ୟରେ ରାଜସ୍ୱ ପ୍ରାପ୍ତିର ଗଠନ**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ରେଖାଚିତ୍ରରୁ ଜଣାଗଲା ଯେ ଶେଷ ପାଞ୍ଚବର୍ଷରେ ନିଜସ୍ୱ କର, କେନ୍ଦ୍ରୀୟ କର ସ୍ଥାନାନ୍ତରଣ ଓ ସହାୟକ ଅନୁଦାନ ପ୍ରାପ୍ତିର ବୃଦ୍ଧି ଘଟିଥିବା ବେଳେ ଅଣ ରାଜସ୍ୱ ପ୍ରାପ୍ତି ପ୍ରାୟତଃ 2014-15 ରୁ 2017-18 ବର୍ଷ ମଧ୍ୟରେ ସ୍ଥିର ରହିଥିଲା ।

ଯାହାହେଉ, 2018-19 ବର୍ଷରେ 5,878 କୋଟି ଟଙ୍କା (69.99 ପ୍ରତିଶତ) ପୂର୍ବ ବର୍ଷ ଠାରୁ ବୃଦ୍ଧି ଘଟିଥିଲା । ଏହି ବୃଦ୍ଧି ମୁଖ୍ୟତଃ ଅଣ ଲୌହ ଖଣି ଏବଂ ମେଟାଲର୍ଜିକାଲ ଶିଳ୍ପ (4,349 କୋଟି ଟଙ୍କା) ରୁ ସଂଗୃହୀତ ହେବା କର ଛଡ଼ା ସୁଧ ପ୍ରାପ୍ତି (861 କୋଟି ଟଙ୍କା) ଏବଂ ଲାଭାଂଶ (478 କୋଟି ଟଙ୍କା) ଯୋଗୁଁ ହୋଇଥିଲା । ଜିଏସ୍‌ଡିପି ଅନୁସାରେ ରାଜସ୍ୱ ପ୍ରାପ୍ତିର ଧାରା ସାରଣୀ 1.6 ରେ ଉପସ୍ଥାପନ କରାଯାଇଅଛି ।

**ସାରଣୀ 1.6: ଜିଏସ୍‌ଡିପି ଅନୁପାତରେ ରାଜସ୍ୱ ପ୍ରାପ୍ତିର ଧାରା**

| | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) (କୋଟିରେ) | **3,14,250** | **3,28,550** | **3,93,808** | **4,36,374** | **4,85,376** |
| ଜିଏସ୍‌ଡିପିର ବୃଦ୍ଧି ହାର | **6.00** | **4.55** | **19.86** | **10.81** | **11.23** |
| **ରାଜସ୍ୱ ପ୍ରାପ୍ତି(ଆର୍‌ଆର୍)(କୋଟିରେ)** | **56,998** | **68,941** | **74,299** | **85,204** | **99,546** |
| ରାଜସ୍ୱ ପ୍ରାପ୍ତିର ବୃଦ୍ଧି ହାର (ପ୍ରତିଶତରେ) | 16.45 | 20.95 | 7.77 | 14.68 | 16.83 |
| ଆର୍‌ଆର୍ ଜିଏସ୍‌ଡିପି(ପ୍ରତିଶତରେ) | 18.14 | 20.98 | 18.87 | 19.52 | 20.51 |
| ରାଜ୍ୟ ନିଜସ୍ୱ କରର ବୃଦ୍ଧି ହାର | 17.38 | 13.61 | 1.44 | 22.15 | 8.61 |
| ଦକ୍ଷତା ହାର[12] | | | | | |
| ଜିଏସ୍‌ଡିପି ସମ୍ପର୍କୀତ ରାଜସ୍ୱ ଦକ୍ଷତା ସହିତ | 2.74 | 4.60 | 0.39 | 1.36 | 1.50 |
| ଜିଏସ୍‌ଡିପି ସମ୍ପର୍କୀତ ରାଜ୍ୟର ନିଜସ୍ୱ କରର ଦକ୍ଷତା | 2.90 | 2.99 | 0.07 | 2.04 | 0.77 |

ଉତ୍ସ: ଜିଏସ୍‌ଡିପି-ରାଜ୍ୟ ସରକାରଙ୍କ ଅର୍ଥନୈତିକ ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ
ରାଜସ୍ୱ ପ୍ରାପ୍ତି-ସଂପୃକ୍ତ ବର୍ଷର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ:

- ଜିଏସ୍‌ଡିପି ତୁଳନାରେ ରାଜସ୍ୱ ପ୍ଲବତା 2016-17 ବ୍ୟତୀତ ଗତ ପାଞ୍ଚ ବର୍ଷ ମଧ୍ୟରେ ଏକ ଉପରେ ଥିଲା । ଏଥିରୁ ସୂଚୀତ ହୁଏ ଯେ ଏହି ବର୍ଷଗୁଡ଼ିକ ମଧ୍ୟରେ ଜିଏସ୍‌ଡିପିର ବୃଦ୍ଧି ହାର ଠାରୁ ରାଜସ୍ୱ ପ୍ରାପ୍ତିର ବୃଦ୍ଧି ହାର ଉତ୍ତମ ଥିଲା ।
- ଜିଏସ୍‌ଡିପି ତୁଳନାରେ ରାଜ୍ୟର ନିଜସ୍ୱ ଟିକସ ପ୍ଲବତା 2014-15, 2015-16 ଏବଂ 2017-18 ରେ ଏକ ର ଉପରେ ଥିଲା । କିନ୍ତୁ 2016-17 ଏବଂ 2018-19 ରେ ଏହା ଏକ ର ତଳକୁ ଖସି ଆସିଥିଲା, ଯାହା ସୂଚୀତ କରୁଥିଲା ଯେ ଜିଏସ୍‌ଡିପିରେ ବୃଦ୍ଧି ତୁଳନାରେ ନିଜସ୍ୱ ଟିକସ ରାଜସ୍ୱରେ ବୃଦ୍ଧି ଅନୁକୂଳ ସ୍ଥିତିରୁ କମ୍ ଥିଲା ।

### *1.4.2.1 ରାଜ୍ୟର ନିଜସ୍ୱ ସମ୍ବଳ*

ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ଦିଆଯାଉଥିବା କେନ୍ଦ୍ରୀୟ କରରେ ରାଜ୍ୟର ଭାଗ ଏବଂ ସହାୟକ ଅନୁଦାନ ଗୁଡ଼ିକୁ ନ ନେଇ ରାଜସ୍ୱ କର ଏବଂ ଅଣ ରାଜସ୍ୱ କର ଅନୁସାରେ ସମ୍ବଳଗୁଡ଼ିକର ପ୍ରବୃତ୍ତି କରଣରେ ରାଜ୍ୟର ପ୍ରଦର୍ଶନକୁ ଆକଳନ କରାଯାଇଛି । ରାଜ୍ୟର ରାଜସ୍ୱ ପ୍ରାପ୍ତି 22.81 ପ୍ରତିଶତ ବଢିଥିଲା ଯାହାକି ଜିଏସଡ଼ିପି ସର୍ତ୍ତ ଅନୁସାରେ ଆର୍ଥିକ ଭିତ୍ତିଭୂମି ଉପରେ ଆଧାରିତ ବୃଦ୍ଧି ପାଉଥିବା ଦର ଠାରୁ ଅଧିକ ଥିଲା (11.23 ପ୍ରତିଶତ) ।

### ରାଜ୍ୟର ନିଜସ୍ୱ ରାଜସ୍ୱ କର

ରାଜ୍ୟର ନିଜସ୍ୱ ରାଜସ୍ୱକରର ବିଭିନ୍ନ ଭାଗଗୁଡ଼ିକ ସାରଣୀ 1.7 ରେ ଦିର୍ଶାଯାଇଛି ।

12 ପ୍ଲାବନ ହାରର ସ୍ଥିତିସ୍ଥାପକ ଅଥବା ମାପକ୍ରମର ଦାୟିତ୍ୱ ବୋଧତାର ବିତ୍ତୀୟ ପରିବର୍ତ୍ତନଶୀଳ ସହିତ ମୌଳିକ ପରିବର୍ତ୍ତନରେ ସୂଚିତ କରେ । ଉଦାହରଣ ସ୍ୱରୂପ ରାଜସ୍ୱ ପ୍ଲାବନ 0.72 ପ୍ରତିଶତ ସୂଚିତ କରେ ଯେ ରାଜସ୍ୱ ପ୍ରାପ୍ତି 0.72 ପ୍ରତିଶତରେ ବୃଦ୍ଧିକୁ ନିର୍ଦ୍ଦେଶିତ କରେ ଯଦି ଜିଏସ୍‌ଡିପି ଏକ ପ୍ରତିଶତ ବୃଦ୍ଧି ଘଟେ ।

**ସାରଣୀ 1.7 : ରାଜ୍ୟର ନିଜସ୍ୱ ରାଜସ୍ୱ କରର ଭାଗଗୁଡ଼ିକ**

(କୋଟି ଟଙ୍କାରେ)

| | 2014-15 | 2015-16 | 2016-17 | 2017-18 | 2018-19 | |
|---|---|---|---|---|---|---|
| | ପ୍ରକୃତ | ପ୍ରକୃତ | ପ୍ରକୃତ | ପ୍ରକୃତ | ବଜେଟ ଆକଳନ | ପ୍ରକୃତ |
| ରାଜ୍ୟର ଦ୍ରବ୍ୟ ଓ ସେବା କର | -- | -- | -- | 6,609 | 12,000 | 11,943 |
| ବିକ୍ରି/ବାଣିଜ୍ୟ କର, ଇତ୍ୟାଦି | 11,817 | 13,097 | 13,402 | 11,522 | 6,880 | 7,310 |
| ରାଜ୍ୟ ଅବକାରୀ କର | 2,035 | 2,547 | 2,786 | 3,221 | 3,800 | 3,925 |
| ଯାନବାହାନ କର | 910 | 1,044 | 1,216 | 1,535 | 1,700 | 1,746 |
| ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜିକରଣ ଫିସ | 800 | 2,157 | 1,364 | 1,037 | 1,100 | 1,237 |
| ଭୂ-ରାଜସ୍ୱ | 646 | 589 | 460 | 542 | 539 | 511 |
| ମାଲ୍ ପତ୍ର ଓ ଯାତ୍ରୀ କର | 1,711 | 1,663 | 1,760 | 1,260 | 0 | 182 |
| ଅନ୍ୟାନ୍ୟ କର[13] | 1,909 | 1,430 | 1,864 | 2,188 | 2,531 | 3,464 |
| ମୋଟ | **19,828** | **22,527** | **22,852** | **27,914** | **28,550** | **30,318** |

ଉତ୍ସ : ସଂପୃକ୍ତ ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଏହା ସୂଚିତ ହୁଏ ଯେ:

- 2018-19 ବର୍ଷରେ ରାଜ୍ୟର ନିଜସ୍ୱ ରାଜସ୍ୱ କର 30,318 କୋଟି ଟଙ୍କା ଥିଲା ଯାହା ସମୁଦାୟ ରାଜସ୍ୱ ପ୍ରାପ୍ତିର 30.46 ପ୍ରତିଶତ ଅଟେ । ନିଜସ୍ୱ ରାଜସ୍ୱକର ଗତ ବର୍ଷ ଠାରୁ 8.61 ପ୍ରତିଶତ ବୃଦ୍ଧି ଘଟିଥିଲା ଏବଂ ବଜେଟ୍ ଆକଳନ ଠାରୁ ମଧ 1,768 କୋଟି ଟଙ୍କା ଅଧିକ ଥିଲା ।
- ଓଡ଼ିଶା ଉପକର ଆଇନ୍ 1962 ର ବ୍ୟବସ୍ଥା ଅନୁଯାୟୀ ଭୂ-ରାଜସ୍ୱ ଉପକରରୁ ସଂଗୃହୀତ ଅର୍ଥକୁ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆର୍) ଯଥା-ଗ୍ରାମ ପଞ୍ଚାୟତ (ଜିପି), ପଞ୍ଚାୟତ ସମିତି(ପିଏସ୍) ଏବଂ ଜିଲ୍ଲା ପରିଷଦ(ଜେଡ୍‌ପି) ଗୁଡ଼ିକରେ 60:20:20. ଅନୁପାତ ହାରରେ ବିତରଣ ହେବା କଥା । କିନ୍ତୁ 2018-19 ରେ ସଂଗୃହୀତ ହୋଇଥିବା ଭୂ-ରାଜସ୍ୱ ଉପକର 48.07 କୋଟ ଟଙ୍କା ପଞ୍ଚାୟତି ରାଜ ଅନୁଷ୍ଠାନ ଗୁଡ଼ିକରେ ବିତରଣ କରାଯାଇ ନଥିଲା । ଏହାଦ୍ୱାରା ରାଜସ୍ୱ ବଳକା ଏବଂ ବିତ୍ତୀୟ ନିଅନ୍ତ 48.07 କୋଟି ଟଙ୍କାର ପ୍ରଭାବ ପକାଇଥିଲା ।

### *1.4.2.2 କର ଆଦାୟର ଖର୍ଚ୍ଚ*

ବିଗତ ତିନି ବର୍ଷରେ (ସାରଣୀ 1.8) ଗୁରୁତ୍ୱପୂର୍ଣ୍ଣ କରଗୁଡ଼ିକର ଆଦାୟ ଖର୍ଚ୍ଚ କମ୍ ଥିଲା । ଯାହା କର ଆଦାୟରେ ଅଧିକ ଦକ୍ଷତା ଦର୍ଶାଉଥିଲା । (କର ଆଦାୟ ତୁଳନାରେ କର ଆଦାୟ ଖର୍ଚ୍ଚର ପ୍ରତିଶତ) ।

**ସାରଣୀ 1.8: ସଂଗୃହିତ କର ଏବଂ ଆଦାୟ ଖର୍ଚ୍ଚ ପ୍ରତିଶତରେ**

| | | 2016-17 | 2017-18 | 2018-19 |
|---|---|---|---|---|
| ବିକ୍ରୟ,ବାଣିଜ୍ୟ ଇତ୍ୟାଦି ଏବଂ ଏସ୍‌ଜିଏସ୍‌ଟି | ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ) | 13,402 | 18,131 | 19,253 |
| | ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ) | 100 | 118 | 108 |
| | ମୋଟଆଦାୟର ପ୍ରତିଶତ | 0.75 | 0.65 | 0.56 |
| ରାଜ୍ୟ ଅବକାରୀ | ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ) | 2,786 | 3,221 | 3,925 |
| | ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ) | 56 | 64 | 75 |
| | ମୋଟଆଦାୟର ପ୍ରତିଶତ | 2.01 | 1.99 | 1.91 |
| ଯାନବାହାନ କର | ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ) | 1,216 | 1,535 | 1,746 |
| | ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ) | 87 | 113 | 102 |
| | ମୋଟଆଦାୟର ପ୍ରତିଶତ | 7.15 | 7.36 | 5.84 |

13 କୃଷି ସମ୍ବନ୍ଧୀୟ ଜମିକୁ ଛାଡ଼ି ସ୍ଥାବର ସମ୍ପତ୍ତିଉପରେ କର, ବିଦ୍ୟୁତ, ଏବଂ କୃଷି ରୋଜଗାର ଉପରେ କର ଓ ଶୁଳ୍କ ଅନ୍ୟାନ୍ୟ କର ମଧରେ ଅନ୍ତର୍ଭୁକ୍ତ ।

| | | 2016-17 | 2017-18 | 2018-19 |
|---|---|---|---|---|
| ଷ୍ଟାମ୍ପ ଏବଂ ପଞ୍ଜିକରଣ ଫିସ୍ | ମୋଟରାଜସ୍ୱ ଆଦାୟ (କୋଟି ଟଙ୍କାରେ) | 1,364 | 1,037 | 1,237 |
| | ଆଦାୟ ଖର୍ଚ୍ଚ (କୋଟି ଟଙ୍କାରେ) | 50 | 43 | 58 |
| | ମୋଟ ଆଦାୟର ପ୍ରତିଶତ | 3.67 | 4.15 | 4.69 |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କରେ ବିଭାଗୀୟ ହିସାବ

2018-19 ରେ ମୋଟ ସଂଗୃହୀତ ସମସ୍ତ କରର ସଂଗୃହୀତ ମୂଲ୍ୟ ପ୍ରତିଶତ ହିସାବରେ ତୁଳନା କଲେ ଷ୍ଟାମ୍ପ ଏବଂ ରେଜିଷ୍ଟ୍ରେସନ ଫି ବ୍ୟତୀତ 2017-18 ଠାରୁ କମ୍ ଥିଲା । ସଂଗୃହୀତ ମୂଲ୍ୟ ପ୍ରତିଶତ ହିସାବରେ ବିକ୍ରୟ କର, ବ୍ୟବସାୟ ଇତ୍ୟାଦି ଏବଂ ଏସ୍‌ଜିଏମଟି (0.56 ପ୍ରତିଶତ) ଏବଂ ରାଜ୍ୟ ଅବକାରୀ (1.91 ପ୍ରତିଶତ) ଠାରୁ ମୋଟ ସଂଗୃହୀତ ଷ୍ଟାମ୍ପ ଏବଂ ରେଜିଷ୍ଟ୍ରେସନ ଫି (4.69 ପ୍ରତିଶତ), ଯାନବାହନ କର (5.84 ପ୍ରତିଶତ) ଏବଂ ରାଜ୍ୟ ଅବକାରୀ (1.91 ପ୍ରତିଶତ) ଯଥେଷ୍ଟ ଅଧିକ ଥିଲା ।

### *1.4.2.3 ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) କ୍ଷତିଭରଣା*

ରାଜ୍ୟ ସରକାର 01 ଜୁଲାଇ.2017 ଠାରୁ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଆଇନ୍ ପ୍ରଚଳନ କଲେ । ଦ୍ରବ୍ୟ ଏବଂ ସେବା କର (ରାଜ୍ୟମାନଙ୍କୁ କ୍ଷତିଭରଣା) ଆଇନ୍ 2017 ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଦ୍ରବ୍ୟ ଏବଂ ସେବାକର ପ୍ରଚଳନ ଯୋଗୁ ହୋଇଥିବା ରାଜସ୍ୱ କ୍ଷତିକୁ ଭରଣା କରିବା ପାଇଁ 2017-18 ଠାରୁ 5 ବର୍ଷ ପାଇଁ କ୍ଷତି ଭରଣା ଦେବେ । ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା ପରେ ଚୂଡ଼ାନ୍ତ ରାଜସ୍ୱ ଅଙ୍କ ପ୍ରାପ୍ତି ହେବା ପରେ ପ୍ରତି ଆର୍ଥିକ ବର୍ଷ ପାଇଁ ରାଜ୍ୟମାନଙ୍କୁ ଦେବାକୁ ଥିବା କ୍ଷତି ଭରଣା ହିସାବ କରାଯାଏ । ରାଜ୍ୟର କୌଣସି ଏକ ବର୍ଷର ସଂରକ୍ଷିତ ରାଜସ୍ୱ ସେହି ରାଜ୍ୟର ବାର୍ଷିକ ଭିତ୍ତି ରାଜସ୍ୱର ଆକଳନ ବୃଦ୍ଧି ହାର (ବାର୍ଷିକ 14 ପ୍ରତିଶତ) ବ୍ୟବହାର କରି ହିସାବ କରାଯାଇଥାଏ। ଦ୍ରବ୍ୟ ଏବଂ ସେବା କର ଅଧିନରେ ଆସୁଥିବା କର ଗୁଡ଼ିକର ରାଜସ୍ୱ ଅଙ୍କ ହିସାବ କରିବା ପାଇଁ 2015-16 କୁ ଭିତ୍ତି (ପ୍ରାରମ୍ଭ) ବର୍ଷ ଭାବରେ ଧାର୍ଯ୍ୟ କରାଯାଇଛି ।

ଓଡ଼ିଶା କ୍ଷେତ୍ରରେ, ଭିତ୍ତିବର୍ଷ (2015-16) ରେ ରାଜସ୍ୱ 11,049.34 କୋଟି ଟଙ୍କା ଥିଲା। 2018-19 ବର୍ଷ ପାଇଁ ସଂରକ୍ଷିତ ରାଜସ୍ୱ ଭିତ୍ତିବର୍ଷ ତୁଳନାରେ ହିସାବ କଲେ 16,370.08 କୋଟି ଟଙ୍କା ଥିଲା । 2018-19 ରେ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) 11,942.59 କୋଟି ଟଙ୍କାରାଜ୍ୟ ପାଇଥିଲା ।

2018-19 ବର୍ଷରେ ରାଜ୍ୟ ଏସ୍‌ଜିଏସ୍‌ଟି, ପୂର୍ବ ଜିଏସ୍‌ଟି କର ଏବଂ କ୍ଷତି ଭରଣା ବାବଦ ପ୍ରାପ୍ତ କରିଥିବାର ସବିଶେଷ ବିବରଣୀ ସାରଣୀ 1.9 ରେ ଦର୍ଶାଯାଇଛି ।

**ସାରଣୀ 1.9: ଅପ୍ରେଲ 2018 ଠାରୁ ମାର୍ଚ୍ଚ 2019 ମଧ୍ୟରେ ରାଜ୍ୟ ଏସ୍‌ଜିଏସ୍‌ଟି, ପୂର୍ବ ଜିଏସ୍‌ଟି କର ଏବଂ କ୍ଷତିଭରଣା ପ୍ରାପ୍ତ କରିଥିବାର ସବିଶେଷ ବିବରଣୀ**

| ତଥ୍ୟାବଳୀ | ପରିମାଣ (କୋଟି ଟଙ୍କାରେ) |
|---|---|
| ସୁରକ୍ଷିତ ହେବାକୁ ଥିବା ରାଜସ୍ୱ (କ) | 16,370.08 |
| ରାଜ୍ୟ ଦ୍ରବ୍ୟ ଏବଂ ସେବାକର (ଆଇଜିଏସ୍‌ଟି ଅଗ୍ରୀମ ଭାଗ 426.65 କୋଟି ଟଙ୍କା ସହିତ) (ଖ) | 11,942.59 |
| ପୂର୍ବ ଜିଏସ୍‌ଟି କର ଗୁଡ଼ିକର ସଂଗ୍ରହ (ଅପ୍ରେଲ 2018 ଠାରୁ ମାର୍ଚ୍ଚ 2019( (ଗ) | 186.40 |
| ମୋଟ ସଂଗ୍ରହର (ଘ)=ଖ+ଗ) | 12,128.99 |
| ଖତି ଭରଣା ପ୍ରାପ୍ତି (ଙ) | 3,390.00# |

# ମାର୍ଚ୍ଚ 2018 ରୁ କ୍ଷତି ଭରଣା 245.00 କୋଟି ଟଙ୍କା ସହିତ (2017-18 ବର୍ଷର) ମଇ 2018 ରେ ପ୍ରାପ୍ତ ହୋଇଥିଲା 2018-19 ବର୍ଷର ବଳକା କ୍ଷତିଭ୍ରଣା ପ୍ରାପ୍ତି ହେବାକୁ ଅଛି । .

ସିଏଜିଙ୍କର ସାମ୍ବିଧାନିକ ହିସାବ ପାଇଁ ସ୍ୱୀକୃତି ପ୍ରଦାନ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ର ସ୍ୱୟଂଚାଳିତ କରିବା ପାଇଁ

ନମୁନା ପରୀକ୍ଷଣ ସମସ୍ତ ଦେଣନେଣର ପରୀକ୍ଷଣର । ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବାକୁ ଥିଲା । ତଥ୍ୟ ପ୍ରଦାନ ସୁବିଧା ସମସ୍ତ ଜିଏସ୍‌ଟି ସମ୍ବନ୍ଧୀତ ଦେଣନେଣ ଡିଏସ୍‌ଟି ପ୍ରାପ୍ତି ସମୀକ୍ଷା ସମୟରେ ବାହାରକୁ ଆସିଥିଲା । ତେଣୁ 2018-19 ବର୍ଷରେ ହିସାବ ନମୁନା ସମୀକ୍ଷାକୁ ଆଧାର କରି ଅଲଗା ଭାବରେ ଗୋଟିଏ ଥର ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା ।

ରାଜ୍ୟ ସରକାର ଜଣାଇଥିଲେ (ମଇ 2020) ଯେ ଜିଏସ୍‌ଟି ପ୍ରାପ୍ତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବାକୁ ସମସ୍ତ ଜିଏସ୍‌ଟି ସମ୍ବନ୍ଧୀୟ ତଥ୍ୟ ଦ୍ରବ୍ୟ ଓ ସେବାକର ନେଟ୍ ୱାର୍କ (ଜିଏସ୍‌ଟିଏନ୍) ଏବଂ ଭାରତ ସରକାରଙ୍କ ସହିତ ଯୋଗାଯୋଗ କରିବେ ।

### 1.4.2.4 ଅଣ ଟିକସ ରାଜସ୍ୱ

ଅଣ ଟିକସ ପାଣ୍ଠି (ଏନଟିଆର), ସେବା ପ୍ରଦାନରୁ ପ୍ରାପ୍ତି ଏବଂ ସରକାରଙ୍କର ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ଯୋଗାଣ ଏବଂ ସୁଧ ପ୍ରାପ୍ତିକୁ ନେଇ ଗଠିତ । ବିଗତ ପାଞ୍ଚ ବର୍ଷରେ ପ୍ରାପ୍ତ ହୋଇଥିବା ଅଣ କର ରାଜସ୍ୱ ରେଖାଚିତ୍ର 1.8 ରେ ଦର୍ଶାଯାଇଛି ।

**ରେଖାଚିତ୍ର 1.8 : ଅଣ ରାଜସ୍ୱ କର 2014-15 ରୁ 2018-19**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଅଡ଼ିଟରେ ନିମ୍ନଲିଖିତ ଅବଲୋକନ କରାଗଲା:

2018-19 ରେ ଅଣକର ରାଜସ୍ୱ 14,276 କୋଟି ଟଙ୍କା ଥିଲା ଯାହାକି ମୋଟ ରାଜସ୍ୱ ପ୍ରାପ୍ତିର 14.34 ପ୍ରତିଶତ ଥିଲା ଏବଂ ଏହା ପୂର୍ବ ବର୍ଷ (8,398 କୋଟି ଟଙ୍କା) ତୁଳନାରେ 5,878 କୋଟି ଟଙ୍କା (69.99 ପ୍ରତିଶତ) ଅଧିକ ହୋଇଥିଲା । ତଥାପି ବଜେଟ୍ ଅଟକଳ ଠାରୁ 3,976 କୋଟି ଟଙ୍କା କମ୍ ଥିଲା ।

- ଏହି ବୃଦ୍ଧି ମୁଖ୍ୟତଃ ଅଣଲୌହ ଖଣି ଏବଂ ଧାତୁଗତ ଶିଳ୍ପ (4,349 କୋଟି ଟଙ୍କା), ସୁଧ ପ୍ରାପ୍ତି (861 କୋଟି ଟଙ୍କା) ଲାଭାଂଶ ପ୍ରାପ୍ତି(478 କୋଟି ଟଙ୍କା), ବିବିଧ ପ୍ରାପ୍ତି (179 କୋଟି ଟଙ୍କା) ଏବଂ ବୃହତ ଜଳସେଚନ (255 କୋଟି ଟଙ୍କା) ଯୋଗୁଁ ଘଟିଥିଲା । ମଧ୍ୟମ ଜଳସେଚନ (249 କୋଟି ଟଙ୍କା) ଏବଂ ଜଙ୍ଗଲ ଏବଂ ବନ୍ୟ ଜନ୍ତୁ (31 କୋଟି ଟଙ୍କା) କର ହ୍ରାସ ପାଇଁ ଏହି ବୃଦ୍ଧି ଆଂଶିକ ଭାବେ ସ୍ଥିରୀକୃତ ହୋଇଥିଲା ।
- 2014-15 ରୁ 2018-19 ମଧ୍ୟରେ ଆଦାୟ ହୋଇଥିବା ଅଣକର ରାଜସ୍ୱ ପ୍ରାପ୍ତି, 2017-18 ରେ 9.86 ପ୍ରତିଶତରୁ 14.34 ପ୍ରତିଶତ (2018-19) ମଧ୍ୟରେ ଥିଲା ।

### *1.4.2.5 କେନ୍ଦ୍ରୀୟ କର ଏବଂ ଶୁଳ୍କରେ ରାଜ୍ୟର ଅଂଶ*

2014-15 ରୁ 2018-19 ବର୍ଷ ମଧ୍ୟରେ କେନ୍ଦ୍ରୀୟ ଶୁଳ୍କରେ ରାଜ୍ୟର ଅଂଶର ବିଭିନ୍ନ ଉପାଦାନ ସାରଣୀ 1.10 ରେ ପ୍ରଦାନ କରାଗଲା ।

**ସାରଣୀ 1.10: କେନ୍ଦ୍ରୀୟ ଶୁଳ୍କରେ ରାଜ୍ୟ ଭାଗର ବିଭିନ୍ନ ଉପାଦନ**

(କୋଟି ଟଙ୍କାରେ)

| କେନ୍ଦ୍ର କର ର ରାଜ୍ୟର ଅଂଶର ଉପାଦାନ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ନିଗମ କର | 5,650 | 7,409 | 9,072 | 9,575 | 12,294 |
| ସୀମା ଶୁଳ୍କ | 2,617 | 3,771 | 3,903 | 3,156 | 2,506 |
| ଆୟ କର | 4,035 | 5,141 | 6,305 | 8,085 | 9,054 |
| ଅନ୍ୟାନ୍ୟ କର ଏବଂ ପଣ୍ୟ ତଥା ସେବା ଉପରେ ଶୁଳ୍କ | -- | 18 | -- | -- | 18 |
| ସେବା କର | 2,386 | 4,086 | 4,564 | 3,561 | 326 |
| ସମ୍ପତି କର | 15 | 2 | 21 | -- | 5 |
| କେନ୍ଦ୍ର ଅବକାରୀ ଶୁଳ୍କ | 1,478 | 3,147 | 4,457 | 3,298 | 1,665 |
| ସିଜିଏସ୍‌ଟି | -- | -- | -- | 441 | 8,726 |
| ଆଇଜିଏସ୍‌ଟି | -- | -- | -- | 3,156 | 696 |
| ଆୟ ଏବଂ ବ୍ୟୟ ଉପରେ ଅନ୍ୟାନ୍ୟ କର | -- | -- | -- | -- | 64 |
| ସର୍ବମୋଟ | **16,181** | **23,574** | **28,322** | **31,272** | **35,354** |
| ରାଜ୍ୟ ରାଜସ୍ୱ ଭାବରେ ପ୍ରତିଶତ ହିସାବରେ ଉପାଦାନ | 28 | 34 | 38 | 37 | 36 |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ଗତ ପାଞ୍ଚବର୍ଷରେ ରାଜ୍ୟର ଅଂଶ ବୃଦ୍ଧି ପାଇଛି ହେଲେ ପୂର୍ବ ବର୍ଷ ତୁଳନାରେ 2018-19 ରେ ରାଜସ୍ୱ ପ୍ରାପ୍ତି ଏକ ପ୍ରତିଶତ କମିଛି ।

### *1.4.2.6 ଭାରତ ସରକାରଙ୍କ ଠାରୁ ଅନୁଦାନ*

2014-15 ରୁ 2018-19 ମଧ୍ୟରେ ବିସ୍ତୃତ ଅନୁଦାନ ଏବଂ ଏହାର ସଂରଚନାର ବିସ୍ତୃତ ବିବରଣୀ ସାରଣୀ 1.11 ରେ ଦର୍ଶାଯାଇଅଛି :

**ସାରଣୀ 1.11: ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ସହାୟକ ଅନୁଦାନ**

(କୋଟି ଟଙ୍କାରେ)

| ସବିଶେଷ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 | |
|---|---|---|---|---|---|---|
| | ବାସ୍ତବ | ବାସ୍ତବ | ବାସ୍ତବ | ବାସ୍ତବ | ବଜେଟ ଆକଳନ | ବାସ୍ତବ |
| ଅଣ ଯୋଜନା ଅନୁଦାନ | 1,929 | 3,063 | 3,248 | -- | -- | -- |
| ରାଜ୍ୟ ଯୋଜନା ଅନୁଦାନ | 10,886 | 10,773 | 11,769 | -- | -- | -- |
| କେନ୍ଦ୍ରୀୟ ଯୋଜନା ଅନୁଦାନ | 102 | 293 | 65 | -- | -- | -- |
| କେନ୍ଦ୍ରୀୟ ପ୍ରଯୋଜିତ ଯୋଜନା ଅନୁଦାନ | 0.08 | 0.04 | 0.1 | -- | -- | -- |
| କେନ୍ଦ୍ରୀୟ ପ୍ରଯୋଜିତ ପରିକଳ୍ପନା ଯୋଜନା | -- | -- | -- | 12,900 | 16,645 | 13,025 |
| ଅର୍ଥ କମିଶନ ଅନୁଦାନ | -- | -- | -- | 2,406 | 3,045 | 2,840 |
| ରାଜ୍ୟ/ବିଧାନମଣ୍ଡଳ ଥିବା କେନ୍ଦ୍ରଶାସିତ ଅଂଚଳ ମାନଙ୍କୁ ଅନ୍ୟାନ୍ୟ ସ୍ଥାନାନ୍ତରଣ / ଅନୁଦାନ | -- | -- | -- | 2,314 | 5,074 | 3,733 |
| ମୋଟ | **12,917** | **14,129** | **15,082** | **17,620** | **24,764** | **19,598** |
| ରାଜସ୍ୱ ପ୍ରାପ୍ତିର ସମୁଦାୟ ଅନୁଦାନର ପ୍ରତିଶତ ହିସାବରେ | 22.66 | 20.49 | 20.30 | 20.68 | 24.71 | 19.69 |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଭାରତ ସରକାର, ଦ୍ୱାଦଶ ଯୋଜନା ଅବଧି ସରିବା ପରେ 2017-18 ବଜେଟ ଅନୁମାନରେ ଯୋଜନା ଏବଂ ଅଣ ଯୋଜନାର ବିଲୟ ପାଇଁ ନିର୍ଣ୍ଣୟ କଲେ । ଯୋଜନା ଏବଂ ଅଣ ଯୋଜନାର ଅନ୍ତର ହଟାଇବା ଦ୍ୱାରା କେନ୍ଦ୍ର ଅନୁଦାନ ଠାରୁ ଅନୁଦାନ-ସହାୟତାରେ କେବଳ (i) ଅର୍ଥ କମିଶନଙ୍କର ସ୍ଥାନୀୟ ସଂସ୍ଥାକୁ ଅନୁଦାନ ସୁପାରିଶ (ii) ବିପର୍ଯ୍ୟୟ ମୁକାବିଲା ଅନୁଦାନ ଏବଂ (iii) କେନ୍ଦ୍ରୀୟ କ୍ଷେତ୍ର ଏବଂ କେନ୍ଦ୍ରୀୟ ପରିକଳ୍ପନା ଅନୁଦାନର ଅନ୍ତର୍ଭୁକ୍ତ ଥିଲା । ରାଜସ୍ୱ ପ୍ରାପ୍ତିର ସହାୟତା ଅନୁଦାନ 2014-15 ରେ 22.66 ପ୍ରତିଶତ 2018-19 ରେ 19.69 ପ୍ରତିଶତ ଥିଲା ।

### *1.4.2.7 ରାଜ୍ୟର ଏକତ୍ରୀକୃତ ପାଣ୍ଠିକୁ ପାଣ୍ଠି ହସ୍ତାନ୍ତର ନ କରି ସିଧାସଳଖ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠି ହସ୍ତାନ୍ତରଣ*

01 ଅପ୍ରେଲ 2014 ରୁ ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଛି ଯେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା / ଅତିରିକ୍ତ କେନ୍ଦ୍ରୀ ସହାୟତା କାର୍ଯ୍ୟାନ୍ୱୟନ ସଂସ୍ଥାମାନଙ୍କୁ ସିଧା ସଳଖ ଭାବେ ଦିଆ ନ ଯାଇ ରାଜ୍ୟମାନଙ୍କୁ ଦିଆଯିବ । କିନ୍ତୁ 2018-19 ବର୍ଷରେ ଭାରତ ସରକାର 6,843.63 କୋଟି ଟଙ୍କା ସିଧାସଳଖ କାର୍ଯ୍ୟକାରୀ ଏଜେନସିକୁ ପ୍ରଦାନ କରିଥିଲେ (i) ଖାଦ୍ୟ ରିହାତି (4,651.01 କୋଟି ଟଙ୍କା) (ii) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (1,624.85 କୋଟି ଟଙ୍କା) (iii) ସାଂସଦଙ୍କ ସ୍ଥାନୀୟ ଅଂଚଳର ଉନ୍ନତି ପାଣ୍ଠି (135.00 କୋଟି ଟଙ୍କା) (iv) ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି (170.33 କୋଟି ଟଙ୍କା), (v) ଭାରତୀୟ ବୈଷୟିକ ଅନୁଷ୍ଠାନ, ଉଚ୍ଚ ଶିକ୍ଷା ବିଭାଗ (51.98 କୋଟି ଟଙ୍କା ଇତ୍ୟାଦି। ସେହିଭଳି ସିଧାସଳଖ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ 2017-18 ରେ (4,669.14 କୋଟି ଟଙ୍କା), 2016-17 ରେ (1,110.26 କୋଟି ଟଙ୍କା) ଏବଂ 2015-16 ରେ (281 କୋଟି ଟଙ୍କା) ଦିଆ ଯାଇଥିଲା ।

ସିଧାସଳଖ ଭାବରେ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ପାଣ୍ଠି ସ୍ଥାନାନ୍ତରଣ ହେଲେ ପାଣ୍ଠିର କୁପରିଚାଳନା ଏବଂ ତୋଷରପାତର ଆଶଙ୍କା ରହିଛି ।

### 1.4.3 ପୁଞ୍ଜି ଭାଗ ଅଧିନରେ ପ୍ରାପ୍ତି

ପୁଞ୍ଜି ପ୍ରାପ୍ତିର ବିସ୍ତାରିତ ବିବରଣୀ ଏବଂ ସେମାନଙ୍କର ଗଠନ 2014-15 ରୁ 2018-19 ବର୍ଷ ମଧ୍ୟରେ ସାରଣୀ 1.12 ରେ ଦିଆଯାଇଛି ।

ସାରଣୀ **1.12:** ପୁଞ୍ଜି ପ୍ରାପ୍ତିର ଗଠନ

( କୋଟି ଟଙ୍କାରେ)

| ରାଜ୍ୟ ପ୍ରାପ୍ତିର ଉତ୍ସ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ପୁଞ୍ଜି ପ୍ରାପ୍ତି | **7,738** | **10,018** | **11,312** | **13,119** | **10,308** |
| ଋଣ ଏବଂ ଅଗ୍ରୀମର ଅସୁଲି | 92 | 228 | 89 | 257 | 305 |
| ସରକାରୀ ଋଣର ପ୍ରାପ୍ତି | 7,646 | 9,790 | 11,223 | 12,862 | 10,003 |

**ଉତ୍ସ :** ସମ୍ବନ୍ଧୀୟ ବର୍ଷମାନଙ୍କର ବିତ୍ତୀୟ ହିସାବ

2018-19 ରେ ପୁଞ୍ଜି ପ୍ରାପ୍ତି (10,308 କୋଟି ଟଙ୍କା) ରାଜ୍ୟର ମୋଟ ପ୍ରାପ୍ତି (1,22,675 କୋଟି ଟଙ୍କା)ର 8.40 ପ୍ରତିଶତ ଥିଲା । ରାଜ୍ୟ ସରକାର ଖୋଲା ବଜାରରୁ ଏବଂ ଅନ୍ୟ ଆର୍ଥିକ ଅନୁଷ୍ଠାନରୁ 9,020 କୋଟି ଟଙ୍କା ଧାର କରିଥିଲେ ଏବଂ 983 କୋଟି ଟଙ୍କା ଭାରତ ସରକାରଙ୍କ ଠାରୁ ଋଣ ନେଇଥିଲେ। ଏହା ଉପରୋକ୍ତ **ସାରଣୀ 1.12** ରୁ ଦେଖାଗଲା ଯେ ସରକାରୀ ଋଣ ପ୍ରାପ୍ତି ମୁଖ୍ୟ ପୁଞ୍ଜି ପ୍ରାପ୍ତିର (97.04 ପ୍ରତିଶତ) ମୁଖ୍ୟ ଅଂଶ ବିଶେଷ ଥିଲା ।

### *1.4.3.1 ସରକାରୀ ହିସାବ ପ୍ରାପ୍ତି*

ସମ୍ବିଧାନର 266 (2) ଅନୁଛେଦ ଅଧିନରେ ପ୍ରାପ୍ତି ଏବଂ ବିତରଣ – ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି, ସଂରକ୍ଷିତ ପାଣ୍ଠି ଜମା, ଅନିଶ୍ଚୟତା, ଟଙ୍କା ପ୍ରେରଣ ଇତ୍ୟାଦି ଯାହାକି ଏକତ୍ରୀକୃତ ପାଣ୍ଠିର ଅଂଶ ନୁହେଁ, ତାହା ସରକାରୀ ହିସାବରେ ରଖାଯାଏ । ଏସବୁ ରାଜ୍ୟ ବିଧାନସଭାରେ ଭୋଟଯୁକ୍ତ ନୁହଁନ୍ତି । ସରକାର ଏହାର ବ୍ୟାଙ୍କର କିମ୍ବା ଟ୍ରଷ୍ଟି ରୂପେ କାମ କରନ୍ତି । ବିତରଣ ପରେ ବଳକା ପାଣ୍ଠି ସରକାର ନିଜର ଖର୍ଚ୍ଚ କରନ୍ତି । ସରକାରୀ ହିସାବ ପ୍ରାପ୍ତି ଏବଂ ବିତରଣର ଗଠନର ବିସ୍ତୃତ ବିବରଣୀ ସାରଣୀ 1.13 ରେ ଦର୍ଶାଯାଇଅଛି ।

### ସାରଣୀ 1.13: ସରକାରୀ ହିସାବ ପ୍ରାପ୍ତିର ଗଠନ

(କୋଟି ଟଙ୍କାରେ)

| ବିଭିନ୍ନ ଶିର୍ଷରୁ ସମ୍ବଳ | 2014-15 | 2015-16 | 2016-17 | 2017-18 | 2018-19 | |
|---|---|---|---|---|---|---|
| | ପ୍ରକୃତ | ପ୍ରକୃତ | ପ୍ରକୃତ | ପ୍ରକୃତ | ବଜେଟ ଆକଳନ | ପ୍ରକୃତ |
| **କ. ସରକାରୀ ହିସାବ ପ୍ରାପ୍ତି** | | | | | | |
| ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ଇତ୍ୟାଦି | 3,471 | 4,088 | 4,424 | 4,792 | 3,913 | 5,126 |
| ସଂରକ୍ଷିତ ପାଣ୍ଠି | 658 | 1,933 | 4,141 | 3,825 | 3,366 | 10,673 |
| ଜମା ଏବଂ ଅଗ୍ରୀମ | 6,842 | 7,200 | 14,210 | 40,357 | 20,497 | 22,527 |
| ସସ୍‌ପେନ୍ସ ଏବଂ ବିବିଧ | 210 | 174 | 23 | 99 | 160 | 34 |
| ପ୍ରେରଣ | 13,620 | 17,703 | 18,829 | 22,801 | 2,828 | 24,546 |
| ମୋଟ (କ) | **24,801** | **31,098** | **41,627** | **71,874** | **30,764** | **62,906** |
| **ଖ. ସରକାରୀ ହିସାବ ବିତରଣ** | | | | | | |
| ସ୍ୱଳ୍ପ ସଂଚୟ, ଭବିଷ୍ୟନିଧି ଇତ୍ୟାଦି | 2,398 | 2,253 | 2,567 | 3,234 | 2,913 | 3,378 |
| ସଂରକ୍ଷିତ ପାଣ୍ଠି | 401 | 1,647 | 2,996 | 3,911 | 3,365 | 3,761 |
| ଜମା ଏବଂ ଅଗ୍ରୀମ | 5,927 | 6,969 | 13,603 | 26,460 | 20,516 | 18,325 |
| ଅନିଶ୍ଚୟତା ଏବଂ ବିବିଧ | 168 | 142 | 32 | 21 | 21 | 88 |
| ପ୍ରେରଣ | 13,617 | 17,755 | 18,882 | 22,813 | 19,745 | 24,533 |
| ମୋଟ (ଖ) | **22,511** | **28,766** | **38,080** | **56,439** | **46,560** | **50,085** |
| ନିଟ୍ ସରକାରୀ ହିସାବ (କ)-(ଖ) | **2,290** | **2,332** | **3,547** | **15,435** | **(-)15,796** | **12,821** |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2018-19 ବର୍ଷରେ ସରକାରୀ ହିସାବ ପ୍ରାପ୍ତି (12,821 କୋଟି ଟଙ୍କା) ରାଜ୍ୟର ସମସ୍ତ ସମ୍ବଳ (1,22,675 କୋଟି ଟଙ୍କା)ର 10.45 ପ୍ରତିଶତ ଥିଲା । ପୂର୍ବ ବର୍ଷ ଠାରୁ ସରକାରୀ ହିସାବ ପ୍ରାପ୍ତି 2,614 କୋଟି ଟଙ୍କ କମ୍ ହୋଇଥିଲା । ଏହା ମୁଖ୍ୟତଃ ପୂର୍ବ ବର୍ଷର ଆଂଶିକ ସ୍ଥିରୀକୃତ 9,695 କୋଟି ଟଙ୍କା ଜମା ଏବଂ ଅଗ୍ରୀମର ବୃଦ୍ଧି ପାଇଁ ହୋଇଥିଲା । 2017-18 ରେ 3,825 କୋଟି ଟଙ୍କାରୁ 2018-19 ରେ 10,673 କୋଟି ଟଙ୍କା ସଂରକ୍ଷିତ ପାଣ୍ଠିରେ ବୃଦ୍ଧି ହେବାର କାରଣ ହେଉଛି ଏକତ୍ରୀକୃତ ଋଣଶୋଧନ ପାଣ୍ଠି (7,010 କୋଟି ଟଙ୍କା) ଏବଂ ଗ୍ୟାରେଣ୍ଟି ରିଡେମ୍ପସନ୍ ପାଣ୍ଠି (821 କୋଟି ଟଙ୍କା)ରେ ବିନିଯୋଗ ହୋଇଥିବା ରାଶି ଉପରେ ସୁଧ ଯାହାକି ପ୍ରଥମ ଥର ପାଇଁ ମୂଳରୁ ସଂପୃକ୍ତ ପାଣ୍ଠି ଗୁଡ଼ିକରେ ଜମା ହୋଇଥିଲା ।

## 1.5 ସମ୍ବଳର ବ୍ୟବହାର

### 1.5.1 କ୍ରମବିକାଶ ଓ ବ୍ୟୟର ସଂଯୋଗୀକରଣ

2018-19 ରେ ମୋଟ ବ୍ୟୟ 1,10,008 କୋଟି ଟଙ୍କା ଥିଲା । 2014-15 ଠାରୁ 2018-19 ପର୍ଯ୍ୟନ୍ତ ସମୁଦାୟ ବ୍ୟୟର ଧାରା ଏବଂ କ୍ରମବିକାଶ ରେଖାଚିତ୍ର 1.9 ରେ ପ୍ରଦର୍ଶିତ ହେଲା ।

ରେଖାଚିତ୍ର **1.9:** ଗତ ପାଞ୍ଚ ବର୍ଷ ମଧ୍ୟରେ ବ୍ୟୟର ବୃଦ୍ଧି ଏବଂ ବ୍ୟୟର ଗଠନ




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

2017-18 ରେ ରାଜସ୍ୱ ବ୍ୟୟ 75 ପ୍ରତିଶତ ଥିବା ସ୍ଥଳେ, 2018-19 ରେ ଏହା ସମୁଦାୟ ବ୍ୟୟର ପାକାପାଖି 78 ପ୍ରତିଶତ ଥିଲା । ସମୁଦାୟ ରାଜସ୍ୱ ବ୍ୟୟରେ ସାମାଜିକ ସେବା[14] ଖର୍ଚ୍ଚ(42.68 ପ୍ରତିଶତ), ସାଧାରଣ ସେବା ଖର୍ଚ୍ଚ (28.18 ପ୍ରତିଶତ) ଏବଂ ଆର୍ଥିକ ସେବା[15] ଖର୍ଚ୍ଚ (27.55 ପ୍ରତିଶତ) ଠାରୁ ଅଧିକ ଥିଲା । ଅଗ୍ରାଧୀକାର ଭିତ୍ତିରେ ଆର୍ଥିକ ସେବା (73.66 ପ୍ରତିଶତ) ଅଧିନସ୍ଥ ପରିବହନ, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ, ଜଳ ଯୋଗାଣ ଓ ପରିମଳ, ଗୃହ ଓ ନଗର ଉନ୍ନୟନ ସହିତ ସମୁଦାୟ ବ୍ୟୟର 21.35 ପ୍ରତିଶତ ସହିତ ପୁଞ୍ଜିଗତ ବ୍ୟୟ (23,482 କୋଟି ଟଙ୍କା) ଦ୍ୱାରା ସମ୍ପତ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

ରାଜସ୍ୱ ଓ ପୁଞ୍ଜିଗତ ଭାଗ ଅଧିନରେ 2018-19 ରେ ହୋଇଥିବା ପ୍ରମୁଖ ଖର୍ଚ୍ଚର ଉପାଦନ ଭିତ୍ତିକ ବିବରଣ ସାରଣୀ 1.14 ରେ ଦର୍ଶାଗଲା ।

**ସାରଣୀ 1.14: ରାଜସ୍ୱ ଏବଂ ପୁଞ୍ଜିଗତ ଅଧିନରେ ମୁଖ୍ୟ ଖର୍ଚ୍ଚ**

(କୋଟି ଟଙ୍କାରେ)

| ରାଜସ୍ୱ | | | | ପୁଞ୍ଜି | | | |
|---|---|---|---|---|---|---|---|
| ଅଂଶ | କ୍ଷେତ୍ର | 2017-18 | 2018-19 | ଅଂଶ | କ୍ଷେତ୍ର | 2017-18 | 2018-19 |
| ଶିକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତି | ସାମାଜିକ | 13,788 | 16,196 | ପରିବହନ | ଅର୍ଥନୈତିକ | 7,148 | 8,962 |
| ଗ୍ରାମ୍ୟ ଉନ୍ନୟନ | ଅର୍ଥନୈତିକ | 9,018 | 9,933 | ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ | ଅର୍ଥନୈତିକ | 6,841 | 5,707 |
| କୃଷି ଏବଂ କୃଷି ସମ୍ବନ୍ଧୀୟ କାର୍ଯ୍ୟ | ଅର୍ଥନୈତିକ | 5,801 | 7,843 | ଜଳ ଯୋଗାଣ, ପରିମଳ, ଗୃହ ଓ ନଗର ଉନ୍ନୟନ | ସାମାଜିକ | 2,006 | 2,627 |
| ସମାଜ କଲ୍ୟାଣ ଏବଂ ପୃଷ୍ଟିସାଧନ | ସାମାଜିକ | 5,184 | 6,719 | ଶକ୍ତି | ଅର୍ଥନୈତିକ | 2,049 | 1,736 |
| ଜଳ ଯୋଗାଣ, ପରିମଳ, ଗୃହ ଓ ନଗର ଉନ୍ନୟନ | ସାମାଜିକ | 3,854 | 5,109 | ଗ୍ରାମ୍ୟ ଉନ୍ନୟନ | ଅର୍ଥନୈତିକ | -- | 1,250 |
| ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | ସାମାଜିକ | 4,153 | 5,084 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | ସାମାଜିକ | 774 | 620 |

14 ସରକାରଙ୍କର କଲ୍ୟାଣକାରୀ କାର୍ଯ୍ୟକଳାପକୁ ଦର୍ଶାଇବା ସହିତ (i) ଶିକ୍ଷା, କ୍ରିଡ଼ା, କଳା ଏବଂ ସଂସ୍କୃତି (ii) ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ (iii) ଜଳ ଯୋଗାଣ, ପରିମଳ, ଗୃହ ଏବଂ ନଗର ଉନ୍ନୟନ (iv) ସୂଚନା ଏବଂ ପ୍ରସାରଣ (v) ଅନୁସୂଚିତ ଜାତି, ଅନୁସୂଚିତ ଜନ ଜାତି ଏବଂ ପଛୁଆ ବର୍ଗ କଲ୍ୟାଣ, ଶ୍ରମିକ ଏବଂ ଶ୍ରମିକ କଲ୍ୟାଣ (vi) ସମାଜ କଲ୍ୟାଣ ଏବଂ ପୋଷଣ ଏବଂ (vii) ଅନ୍ୟାନ୍ୟ ।

15 ସରକାରଙ୍କ ଆର୍ଥିକ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଓ ଭାଗ ଏବଂ ଏଥି ସହିତ ସଂପୃକ୍ତ (i) କୃଷି ଏବଂ ଆନସାଂଗିକ ସେବା (ii) ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ (iii) ଶକ୍ତି (iv) ଶିଳ୍ପ ଓ ଖଣିଜ (v) ପରିବହନ (vi) ବିଜ୍ଞାନ, ବୈଷିକ ଏବଂ ପରିବେଶ (vii) ସାଧାରଣ ଅର୍ଥନୈତିକ ସେବା

| ରାଜସ୍ୱ | | | | ପୁଞ୍ଜି | | | |
|---|---|---|---|---|---|---|---|
| ଅଂଶ | କ୍ଷେତ୍ର | 2017-18 | 2018-19 | ଅଂଶ | କ୍ଷେତ୍ର | 2017-18 | 2018-19 |
| ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ | ସାମାଜିକ | 2,218 | 2,747 | ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟା ଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ | ସାମାଜିକ | 527 | 373 |
| ପରିବହନ | ଅର୍ଥନୈତିକ | 2,224 | 1,926 | | | | |
| ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ | ଅର୍ଥନୈତିକ | 1,911 | 1,679 | | | | |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଏହା ଅନୁମାନ କରାଯାଇପାରେ ଯେ:

- ରାଜସ୍ୱ ଖର୍ଚ୍ଚ (85,356 କୋଟି ଟଙ୍କା) ପୂର୍ବ ବର୍ଷର (71.837 କୋଟି ଟଙ୍କା) ଖର୍ଚ୍ଚ ଠାରୁ 18.82 ପ୍ରତିଶତ ଅଧିକ ଥିଲା । ଏହି ବୃଦ୍ଧି ମୁଖ୍ୟତଃ ଶିକ୍ଷା, କ୍ରୀଡ଼ା, କଳା ଏବଂ ସଂସ୍କୃତି (2,408 କୋଟି ଟଙ୍କା) ଏବଂ ଗ୍ରାମ୍ୟ ଉନ୍ନୟନ (915 କୋଟି ଟଙ୍କା, କୃଷି ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟ (2,042 କୋଟି ଟଙ୍କା), ସମାଜ ମଙ୍ଗଳ ଓ ପୃଷ୍ଟିସାଧନ (1,535 କୋଟି ଟଙ୍କା), ଜଳ ଯୋଗାଣ, ପରିମଳ, ଗୃହ ଓ ନଗର ଉନ୍ନୟନ (1,255 କୋଟି ଟଙ୍କା) ରେ ଅଧିକ ଖର୍ଚ୍ଚ ଯୋଗୁ ହୋଇଥିଲା । ପୂର୍ବ ବର୍ଷ ତୁଳନାରେ ପରିବହନ, ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ ଆଦିରେ ବ୍ୟୟ କମ୍ ଥିଲା ।
- ପୂର୍ବ ବର୍ଷ ବ୍ୟୟ (21,109 କୋଟି ଟଙ୍କା) ତୁଳନାରେ ଏ ବର୍ଷର ମୁଳଧନ ବ୍ୟୟ (23,482 କୋଟି ଟଙ୍କା) ରେ 11.24 ପ୍ରତିଶତ ବୃଦ୍ଧି ଘଟିଥିଲା । ଏହା ମୁଖ୍ୟତଃ ପରିବହନ (1,814 କୋଟି ଟଙ୍କା), ଗ୍ରାମ୍ୟ ଉନ୍ନୟନ (1,250 କୋଟି ଟଙ୍କା) ଏବଂ ଜଳ ଯୋଗାଣ ପରିମଳ, ଗୃହ ଏବଂ ନଗର ଉନ୍ନୟନ (621 କୋଟି ଟଙ୍କା) ରେ ଅଧିକ ବ୍ୟୟ ଯୋଗୁଁ ହୋଇଥିଲା । ପୂର୍ବ ବର୍ଷ ତୁଳନାରେ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ଏବଂ ଶକ୍ତି କ୍ଷେତ୍ରରେ ମୁଳଧନ ବ୍ୟୟ କମ୍ ହୋଇଥିଲା ।

## 1.5.2. ରାଜ୍ୟର ଉନ୍ନୟନ ମୂଳକ ଖର୍ଚ୍ଚ

ରାଜସ୍ୱ ଅଧିନରେ, ସାମାଜିକ ଓ ଅର୍ଥନୈତିକ ସେବା, ମୂଳଧନ ଏବଂ ଋଣ ଓ ଅଗ୍ରୀମରେ ହେଉଥିବା ଖର୍ଚ୍ଚ ରାଜ୍ୟର ଉନ୍ନୟନମୂଳକ ଖର୍ଚ୍ଚ, ଏହାର ସବିଶେଷ ବିବରଣୀ ରେଖାଚିତ୍ର 1.10 ରେ ପ୍ରଦର୍ଶିତ ହେଲା ।

**ସାରଣୀ 1.10: ଉନ୍ନୟନ ଖର୍ଚ୍ଚ**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ରେଖା ଚିତ୍ରରୁ ଏହା ଅନୁମେୟ ହେଲା ଯେ:

- 2017-18 ବର୍ଷରେ ହୋଇଥିବା ସମୁଦାୟ ବ୍ୟୟର 75.25 ପ୍ରତିଶତ ଏବଂ ଜିଏସ୍‌ଡିପିର 17.15 ପ୍ରତିଶତ ତୁଳନାରେ 2018-19 ରେ ମୋଟ ଉନ୍ନୟନ ଖର୍ଚ୍ଚ (83,053 କୋଟି ଟଙ୍କା) ସମୁଦାୟ ଖର୍ଚ୍ଚ (1,10,008 କୋଟ ଟଙ୍କା) ର 75.50 ପ୍ରତିଶତ ଏବଂ ଜିଏସଡ଼ିପିର 17.11 ପ୍ରତିଶତ ଥିଲା ।
- 2017-18 ବର୍ଷରେ ହୋଇଥିବା ସମୁଦାୟ ବ୍ୟୟର 53.06 ପ୍ରତିଶତ ଏବଂ 21.77 ପ୍ରତିଶତ ତୁଳନାରେ 2018-19 ରେ ମୋଟ ଉନ୍ନୟନ ରାଜସ୍ୱ ଖର୍ଚ୍ଚ (59,940 କୋଟି ଟଙ୍କା) ଓ ଉନ୍ନୟନମୂଳକ ମୁଳଧନ ବ୍ୟୟ (22,752 କୋଟିଟଙ୍କା), ସମୁଦାୟ ବ୍ୟୟ (1,10,008 କୋଟି ଟଙ୍କା) ର ଯଥାକ୍ରମେ 54.49 ପ୍ରତିଶତ ଏବଂ 20.68 ପ୍ରତିଶତ ଥିଲା ।
- ପୂର୍ବ ବର୍ଷରେ 0.42 ପ୍ରତିଶତ ତୁଳନାରେ ଉନ୍ନୟନମୂଳକ ଋଣ ଓ ଅଗ୍ରୀମ (361 କୋଟି ଟଙ୍କା) ସମୁଦାୟ ବ୍ୟୟର 0.33 ପ୍ରତିଶତ ଥିଲା ।
- 2017-18 ବର୍ଷରେ 39.65 ପ୍ରତିଶତ ଓ 35.60 ପ୍ରତିଶତ ତୁଳନାରେ ଅର୍ଥନୈତିକ ସେବା (42,081 କୋଟି ଟଙ୍କା) ଏବଂ ସାମାଜିକ ସେବା (40,972 କୋଟି ଟଙ୍କା) ବ୍ୟୟ ସମୁଦାୟ ବ୍ୟୟର 38.25 ପ୍ରତିଶତ ଓ 37.24 ପ୍ରତିଶତ ଥିଲା ।

## 1.5.3 ରାଜସ୍ୱ ଖର୍ଚ୍ଚ

ରାଜସ୍ୱ ଖର୍ଚ୍ଚ (85,356 କୋଟି ଟଙ୍କା) ଜିଏସଡ଼ିପିର 17.59 ପ୍ରତିଶତ ଥିଲା । 2017-18 ବର୍ଷର ଖର୍ଚ୍ଚ (71,837 କୋଟି ଟଙ୍କା) ତୁଳନାରେ ଏହି ବର୍ଷ ରାଜସ୍ୱ ଖର୍ଚ୍ଚରେ 18.32 ପ୍ରତିଶତ ବୃଦ୍ଧି ଘଟିଥିଲା । ଯାହାହେଉ ନା କାହିଁକି ଏହା ବଜେଟ ଅଟକଳ (90,220 କୋଟି ଟଙ୍କା) ରୁ 4,864 କୋଟି ଟଙ୍କା ଠାରୁ କମ୍ ଥିଲା ।

### *1.5.3.1 ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ*

ସୁଧ ପ୍ରଦାନ (5,800 କୋଟି ଟଙ୍କା) ବେତନ ଏବଂ ମଜୁରୀ (19,567 କୋଟି ଟଙ୍କା), ପେନ୍‌ସନ୍ (10,520 କୋଟି ଟଙ୍କା) ଏବଂ ଆର୍ଥିକ ସହାୟତା (3,168 କୋଟି ଟଙ୍କା) ରାଶି ସରକାରଙ୍କର ପ୍ରତିଶୃତି ବଦ୍ଧ ଖର୍ଚ୍ଚର ଅନ୍ତର୍ଭୁକ୍ତ । 2017-18 ବର୍ଷରେ 34,208 କୋଟି ଟଙ୍କା (ରାଜସ୍ୱ ବ୍ୟୟର 47.62 ପ୍ରତିଶତ) ତୁଳନାରେ 2018-19 ରେ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚ 39,055 କୋଟି ଟଙ୍କା ଥିଲା ଯାହାକି ରାଜସ୍ୱ ଖର୍ଚ୍ଚ (85,356 କୋଟି ଟଙ୍କା) ର 45.75 ପ୍ରତିଶତ ଥିଲା । ଏହାର ସବିଶେଷ ବିବରଣୀ ରେଖାଚିତ୍ର 1.11 ରେ ଦର୍ଶାଗଲା । .

ରେଖାଚିର୍ତ **1.11:** ରାଜସ୍ୱ ଖର୍ଚ୍ଚରେ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚର ପ୍ରତିଶତ




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ଆର୍ଥିକ ହିସାବ

ଉପରୋକ୍ତ ରେଖାଚିତ୍ରରୁ ସିଦ୍ଧାନ୍ତ ହୋଇପାରେ ଯେ :

- ରାଜ୍ୟର ରାଜସ୍ୱ ଖର୍ଚ୍ଚର ପ୍ରତିଶତ ହିସବାରେ ନିର୍ଦ୍ଧାରଣ କରାଯାଉଥିବା ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ 2014-17 ମଧ୍ୟରେ ନିୟମିତ ଭାବରେ ହ୍ରାସ ପାଇଥିଲା । 2017-18 ରେ ଏହା ପୂର୍ବବର୍ଷ ଅପେକ୍ଷା 4 ପ୍ରତିଶତ ବୃଦ୍ଧି ପାଇଥିଲା । ପୁନଶ୍ଚ, 2018-19 ରେ ଏଥିରେ ଦୁଇ ପ୍ରତିଶତ ହ୍ରାସ ଘଟିଥିଲା । ରାଜସ୍ୱ ବ୍ୟୟରେ ବେତନ ବାବଦକୁ ଦୁଇ ପ୍ରତିଶତ ହ୍ରାସ ଯୋଗୁଁ ଏହା ଘଟିଥିଲା । 2017-18 ରେ ସପ୍ତମ ବେତନ କମିଶନ ରିପୋର୍ଟ ରାଜ୍ୟରେ ଲାଗୁ କରାଯାଇଥିଲା ଏବଂ ଜାନୁଆରୀ 2016 ରୁ ଅବଶିଷ୍ଟ ବେତନ ବାବଦକୁ 40 ପ୍ରତିଶତ କର୍ମଚାରୀ ମାନଙ୍କୁ ପ୍ରଦାନ କରାଯାଇଥିଲା, ଯାହାଫଳରେ ଦରମା ଏବଂ ପେନ୍‌ସନ୍ ବାବଦକୁ ଦେୟରେ ବୃଦ୍ଧି ଘଟିଥିଲା । ମାତ୍ର, 2018-19 ରେ ଦରମା ବାବଦକୁ କୌଣସି ଅବଶିଷ୍ଟ ଦେୟ ପ୍ରଦାନ କରାଯାଇ ନଥିଲା । ଯାହାଫଳରେ, ରାଜସ୍ୱ ବ୍ୟୟରେ ଦରମା ବାବଦକୁ ପ୍ରତିଶତ ହ୍ରାସ ପାଇଥିଲା ।

- ରାଜସ୍ୱ ଖର୍ଚ୍ଚରେ ପ୍ରତିଶତ ହିସାବରେ ସୁଧ ବାବଦକୁ ଦେୟ (5,800 କୋଟି ଟଙ୍କା) 2018-19 ରେ ସାତ ପ୍ରତିଶତ ଥିଲା, ଯାହାକି ପୂର୍ବ ବର୍ଷ ସହିତ ସମାନ ଥିଲା । ନିଶ୍ଚିତ ପକ୍ଷେ, 2014-15 ରେ 2810 କୋଟି ଟଙ୍କାରୁ 2018-19 ରେ ସୁଧ ବାବଦକୁ ଦେୟ 5800 କୋଟି ଟଙ୍କା ଥିଲା ଅର୍ଥାତ୍ 2990 କୋଟି ଟଙ୍କା ବୃଦ୍ଧି ଘଟିଥିଲା । ରାଜସ୍ୱ ପ୍ରାପ୍ତି (99,546 କୋଟି ଟଙ୍କା) ରୁ ସୁଧ ବାବଦକୁ ଦେୟ 5.83 ପ୍ରତିଶତ ଥିଲା ଯାହାକି ଓଡ଼ିଶା ଏଫ.ଆର.ବି.ଏମ୍ (ସଂଶୋଧନ) ନିୟମ 2016 ରେ ଧାର୍ଯ୍ୟ ହୋଇଥିବା ବିତ୍ତୀୟ ଧାର୍ଯ୍ୟ 15 ପ୍ରତିଶତ ରାଜକୋଷୀୟ ଲକ୍ଷ୍ୟ ଠାରୁ ଯଥେଷ୍ଟ ନିମ୍ନରେ ଥିଲା ।

.

- ରାଜ୍ୟ ସରକାର ତାଙ୍କର 2007-08 ବର୍ଷର ମଧ୍ୟବର୍ତ୍ତୀକାଳୀନ ବିତ୍ତୀୟ ଯୋଜନା (ଏମ୍‌ଟିଏଫ୍‌ପି) ସାଧାରଣ ରିହାତିକୁ ତର୍କ ସଂଗତ କରିବା ଏବଂ ପର୍ଯ୍ୟାୟକ୍ରମେ 2005-06 ବର୍ଷରୁ ବାର୍ଷିକ 10 ପ୍ରତିଶତ ହାରରେ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଥିଲେ । ପକ୍ଷାନ୍ତରେ, ରିହାତିରେ ବୃଦ୍ଧି ଘଟିଥିଲା ଏବଂ 2014-19 ମଧ୍ୟରେ, ସାଧାରଣ ରିହାତି 2,076 କୋଟି ଟଙ୍କାରୁ 3,168 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । 2005-06 ଠାରୁ 2018-19 ପର୍ଯ୍ୟନ୍ତ ରିହାତିର ବୃଦ୍ଧି ରେଖାଚିତ୍ର 1.12 ରେ ଦର୍ଶାଗଲା ଏବଂ 2017-18 ଏବଂ 2018-19 ର ସବିଶେଷ ବିଭାଗୀୟ ରିହାତି ସାରଣୀ 1.15 ରେ ଦର୍ଶାଗଲା :

**ରେଖାଚିତ୍ର 1.12:** 2005-06 ରୁ 2018-19 **ପର୍ଯ୍ୟନ୍ତ ରିହାତିର ଅଭିବୃଦ୍ଧି**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

**ସାରଣୀ 1.15: 2017-18 ଏବଂ 2018-19 : ବିଭାଗ ଅନୁଯାୟୀ ରିହାତି**

(ଟଙ୍କା କୋଟିରେ)

| କ୍ର ସଂ. | ବିଭାଗ | 2017-18 | 2018-19 |
|---|---|---|---|
| 1 | ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ | 886 | 981 |
| 2 | ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା | 754 | 468 |
| 3 | ସମବାୟ | 697 | 1,185 |
| 4 | କୃଷି ଏବଂ କୃଷକ ଶସକ୍ତିକରଣ | 203 | 207 |
| 5 | ଶିଳ୍ପ | 170 | 200 |
| 6 | ମତ୍ସ୍ୟ ପଶୁ ସମ୍ପଦ ଉନ୍ନୟନ | 56 | 50 |
| 7 | ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | 50 | 50 |
| 8 | ଅନ୍ୟାନ୍ୟ | 14 | 27 |
| **ସମୁଦାୟ ରିହାତି** | | **2,830** | **3,168** |
| **ସମୁଦାୟ ରାଜସ୍ୱ ବ୍ୟୟ** | | **71,837** | **85,356** |
| **ରାଜସ୍ୱ ବ୍ୟୟର ରିହାତି ପ୍ରତିଶତ** | | **3.94** | **3.71** |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ 2018-19 ରେ ସମବାୟ ବିଭାଗର ରିହାତି (1,185 କୋଟି ଟଙ୍କା), ସମୁଦାୟ ରିହାତିର 37.41 ପ୍ରତିଶତ ଥିଲା ଯାହାକି ପୂର୍ବ ବର୍ଷ ତୁଳନାରେ ଶସ୍ୟ ଋଣ ପ୍ରଦାନ ପାଇଁ ସମବାୟ ବ୍ୟାଙ୍କ ଗୁଡ଼ିକୁ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାରେ ଏବଂ ସୁଧରେ ରିହାତି ହାରର ବୃଦ୍ଧି ଯୋଗୁ 488 କୋଟି ଟଙ୍କାର ବୃଦ୍ଧି ଘଟିଥିଲା । ସାଧାରଣ ବଣ୍ଟନ ପ୍ରଣାଳୀରେ ବୃଦ୍ଧି ଯୋଗୁଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ରିହାତିରେ 95 କୋଟି ଟଙ୍କାର ବୃଦ୍ଧି ଘଟିଥିଲା ।

### 1.5.3.2 ସ୍ଥାନୀୟ ନିକାୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କୁ ଆର୍ଥିକ ସହାୟତା

2018-19 ରେ ରାଜ୍ୟ ସରକାର ସ୍ଥାନୀୟ ନିକାୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କୁ 25,957 କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ଅନୁଦାନ ଏବଂ ଋଣ ଆକାରରେ ପ୍ରଦାନ କରିଥିଲେ ଯାହାକି ସାରଣୀ 1.16 ରେ ଦର୍ଶାଗଲା ।

ସାରଣୀ **1.16** ସ୍ଥାନୀୟ ନିକାୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକୁ ଆର୍ଥିକ ସହାୟତା

(ଟଙ୍କା କୋଟିରେ)

| | 2017-18 | 2018-19 |
|---|---|---|
| ଶିକ୍ଷାନୁଷ୍ଠାନ (ସହାୟତା ପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଇତ୍ୟାଦ) | 5,046 | 6,112 |
| ମହାନଗର ନିଗମ ଏବଂ ନଗର ପାଳିକା | 1,792 | 1,432 |
| ଜିଲ୍ଲା ପରିଷଦ ଏବଂ ଅନ୍ୟାନ୍ୟ ପଞ୍ଚାୟତିରାଜ ସଂସ୍ଥା | 2,980 | 3,223 |
| ଉନ୍ନୟନ ସଂସ୍ଥା | 2,979 | 3,626 |
| ଅନ୍ୟାନ୍ୟ ସଂସ୍ଥା | 8,983 | 11,564 |
| **ମୋଟ** | **21,780** | **25,957** |
| ରାଜସ୍ୱ ବ୍ୟୟର ରିହାତି ପ୍ରତିଶତ | 30 | 30 |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ ସ୍ଥାନୀୟ ନିକାୟ ଓ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକୁ ପ୍ରଦାନ କରାଯାଉଥିବା ଅନୁଦାନ ରାଶି 4,177 କୋଟି ଟଙ୍କା (19.18 ପ୍ରତିଶତ) ବୃଦ୍ଧି ହୋଇ 2017-18 ରେ 21,780 କୋଟି ଟଙ୍କାରୁ 2018-19 ରେ 25,957 କୋଟି ଟଙ୍କା ହୋଇଥିଲା । ଶିକ୍ଷାନୁଷ୍ଠାନ (1066 କୋଟି ଟଙ୍କା), ଉନ୍ନୟନ ସଂସ୍ଥା (647 କୋଟି ଟଙ୍କା), ଅନ୍ୟାନ୍ୟ ଅନୁଷ୍ଠାନ (2,581 କୋଟି ଟଙ୍କା) ଏବଂ ଜିଲ୍ଲା ପରିଷଦ ଓ ଅନ୍ୟାନ୍ୟ ପଞ୍ଚାୟତି ରାଜ ସଂସ୍ଥା ଗୁଡ଼ିକ ଅଧିକ (243 କୋଟି ଟଙ୍କା) ସହାୟତା ପ୍ରଦାନ ଯୋଗୁଁ ମୁଖ୍ୟତଃ ଏହି ବୃଦ୍ଧି ଘଟିଥିଲା ଯେଉଁଥିରୁ ମହାନଗର ନିଗମ ଓ ନଗର ପାଳିକା ଗୁଡ଼ିକର ସହାୟତା ରାଶି (360 କୋଟି ଟଙ୍କା) ରେ ଆଂଶିକ ହ୍ରାସ କରାଯାଇଥିଲା ।

### 1.5.3.3 ଜାତୀୟ ପେନ୍‌ସନ ଯୋଜନା

01 ଜାନୁଆରୀ 2005 ଏବଂ ଏହା ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ରାଜ୍ୟ ସରକାରୀ କର୍ମଚାରୀମାନେ ଜାତୀୟ ପେନ୍‌ସନ ଯୋଜନାର ଅନ୍ତର୍ଭୁକ୍ତ, ଯାହାକି ଏକ ପରିଭାଷିତ ଅଂଶଦାନ ପେନ୍‌ସନ ଯୋଜନା ଅଟେ । ପ୍ରତିମାସରେ ସମସ୍ତ କର୍ମଚାରୀମାନେ ସେମାନଙ୍କ ମୂଳବେତନ ଏବଂ ମହଙ୍ଗା ଭତ୍ତାର 10 ପ୍ରତିଶତ ଅଂଶଦାନ କରିବାକୁ ବାଧ । ରାଜ୍ୟ ସରକାର ମଧ୍ୟ ସମାନ ପରିମାଣର ଅଂଶଦାନ କରିବେ । ରାଜ୍ୟ ସରକାର ଏହି ଅଂଶଦାନ ପରିମାଣ ସହିତ ସବିଶେଷ ବିବରଣୀ ଜାତୀୟ ସୁରକ୍ଷା ଅମାନତଖାନ ଲିମିଟେଡ଼ (ଏନ.ଏସ୍.ଡ଼ି.ଏଲ) ଏବଂ ଜାତୀୟ ପେନ୍‌ସନ ଯୋଜନା ଟ୍ରଷ୍ଟ ଦ୍ୱାରା ନିଯୁକ୍ତି ପାଇଥିବା ପାଣ୍ଠି ପରିଚାଳକଙ୍କୁ କ୍ରମାନୁସାରେ ସ୍ଥାନାନ୍ତର କରିବେ । ଯଦିଓ ରାଜ୍ୟ ସରକାର 2006-07 ଠାରୁ କର୍ମଚାରୀମାନଙ୍କ ଠାରୁ ପେନ୍‌ସନ୍ ଅଂଶଦାନ ସଂଗ୍ରହ କରିଥିଲେ କିନ୍ତୁ ଏନ୍‌ଏସ୍‌ଡିଏଲ୍‌କୁ 2010-11 ରେ କେବଳ 0.01 କୋଟି ଟଙ୍କା ସ୍ଥାନାନ୍ତର କରିଥିଲେ ଏବଂ 31 ମାର୍ଚ୍ଚ 2011 ସୁଦ୍ଧା ବଳକା 39.62 କୋଟି ଟଙ୍କା ଏନ୍‌ଏସ୍‌ଡ଼ିଏଲକୁ ସ୍ଥାନାନ୍ତର ହେବାକୁ ଥିଲା । ସେହିପରି ଭାବେ ପ୍ରତିବର୍ଷ ଏନ୍.ଏସ୍.ଡ଼ି.ଏଲ କୁ ସ୍ୱଳ୍ପ ରାଶି ସ୍ଥାନାନ୍ତର କରାଯାଉଥିଲା, ଶେଷ ଥର ପାଇଁ 2017-18 ରେ 20.72 କୋଟି ଟଙ୍କା ଥିଲା । 31 ମାର୍ଚ୍ଚ 2019 ସୁଦ୍ଧା ଏନ୍‌ଏସ୍‌ଡ଼ିଏଲକୁ ସ୍ଥାନାନ୍ତର ହେବାକୁ ସମୁଦାୟ ସ୍ୱଳ୍ପ ରାଶି 17.44 କୋଟି ଟଙ୍କା ଥିଲା ଏବଂ ଏହିପରି ପ୍ରଚଳିତ ଦେୟ ରାଶି ଭବିଷ୍ୟତ ବର୍ଷ ପାଇଁ ସ୍ଥଗିତ ରହୁଥିଲା । ପୁନଶ୍ଚ, ଏନ୍‌ଏସ୍‌ଡ଼ିଏଲ କୁ ସ୍ଥାନାନ୍ତର ହୋଇ ନଥିବା ରାଶି ଉପରେ ରାଜ୍ୟ ସରକାର ସୁଧ ଦାୟ ପାଣ୍ଠି ଗଠନ କରିଥିଲେ । ଏହା କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଅନୁଚିତ୍ ବ୍ୟବହାର କରିଥିଲେ ଏବଂ କର୍ମଚାରୀମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ କ୍ଷେତ୍ରରେ ଅନିଶ୍ଚିତତତା ସୃଷ୍ଟି ହୋଇଥିଲା ଯାହାକି ଭବିଷ୍ୟତରେ ସରକାରଙ୍କ ପାଇଁ ଆର୍ଥିକ ଦାୟତାକୁ ପ୍ରଭାବିତ କରିଥିଲା ଏବଂ ଏହା ଯୋଜନାର ସମ୍ଭାବ୍ୟ ବିଫଳତା ଆଡ଼କୁ ଗତି କରୁଥିଲା ।

2018-19 ରେ ଏହା ପରିଲକ୍ଷିତ ହେଲା ଯେ ଏନ୍‌ପିଏସ୍ ଅଧିନରେ ରାଜ୍ୟ ସରକାର, ରାଜ୍ୟ ସରକାରୀ କର୍ମଚାରୀଙ୍କ ଠାରୁ 501.03 କୋଟି ଟଙ୍କା ସଂଗ୍ରହ କରିଥିଲେ । ରାଜ୍ୟ ସରକାର 507.36 କୋଟି ଟଙ୍କା ପ୍ରଦାନ କରିଥିଲେ ଏବଂ ଏନ୍‌ଏସ୍‌ଡିଏଲ୍‌କୁ 1,011.68 କୋଟି ଟଙ୍କା ସ୍ଥାନାନ୍ତର କରିଥିଲେ । ଯାହାଫଳରେ, ରାଜ୍ୟ ସରକାର ଚଳନ୍ତି ଆର୍ଥିକ ବର୍ଷରେ 6.33 କୋଟି ଟଙ୍କା ଅଧିକ ପ୍ରଦାନ କରିଥିଲେ, ଅର୍ଥାତ୍ ଉକ୍ତ ପରିମାଣର ରାଜସ୍ୱ ବଳକା ଓ ରାଜକୋଷୀୟ ନିଅଣ୍ଟ ହୋଇଥିଲା । ଏନ୍‌ଏସ୍‌ଡିଏଲ୍ କୁ ରାଶି ସ୍ଥାନାନ୍ତରଣରେ ତ୍ରୁଟିକୁ ରାଜ୍ୟ ସରକାର ଗ୍ରହଣ କରିଥିଲେ (ମଇ 2020) ଏବଂ ଦର୍ଶାଇଥିଲେ ଯେ ବାକି ରାଶି ସ୍ଥାନାନ୍ତରଣ କରାଯିବ ଏବଂ ସ୍ୱଳ୍ପ ସ୍ଥାନାନ୍ତରଣକୁ ଭବିଷ୍ୟତରେ ସର୍ବନିମ୍ନ କରିବାକୁ ପଦକ୍ଷେପ ନିଆଯିବ ।

**ସୁପାରିଶ *2:*** କର୍ମଚାରୀ ଅଂଶଦାନ ଠିକ୍ ଭାବରେ ସଂଗୃହିତ ହେବା ସହିତ ସରକାରୀ ସମାନ ଅଂଶଦାନ ସମୟାନୁସାରେ ଏନ୍‌ଏସଡ଼ିଏଲ କୁ ସ୍ଥାନାନ୍ତର କରିବା ପାଇଁ ରାଜ୍ୟ ସରକାର ସୁନିଶ୍ଚିତ କରିବା ଦରକାର । ବଳକା 17.44 କୋଟି ଟଙ୍କା ଏନ୍‌ଏସ୍‌ଡ଼ିଏଲ କୁ ସ୍ଥାନାନ୍ତର କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଦରକାର ।

### 1.5.4 ପୁଞ୍ଜିଗତ ବ୍ୟୟ(ସିଇ)

ପୁଞ୍ଜିଗତ ବ୍ୟୟର ପ୍ରତିଫଳନ ସ୍ୱରୂପ 2018-19 ରେ 23,482 କୋଟି ଟଙ୍କାର ସମ୍ପତି ସୃଷ୍ଟି ହୋଇଥିଲା ଯାହାକି ସମୁଦାୟ ଖର୍ଚ୍ଚ (1,10,008 କୋଟି ଟଙ୍କା)ର 21.35 ପ୍ରତିଶତ ଥିଲା । ପୂର୍ବବର୍ଷ ଅପେକ୍ଷା ଏହା 2,373 କୋଟି ଟଙ୍କା (11.24 ପ୍ରତିଶତ) ଅଧିକ ଥିଲା । ଯାହାହେଉ, 2018-19 ରେ ଜି.ଏସ୍.ଡ଼ିପି ଅନୁସାରେ ପୁଞ୍ଜିଗତ ବ୍ୟୟ 4.84 ପ୍ରତିଶତ ଥିଲା ଏବଂ

ଏକ ରାଜସ୍ୱ ବଳକା ରାଜ୍ୟ ହୋଇ ମଧ୍ୟ ବିଗତ ପାଞ୍ଚ ବର୍ଷରେ ଏହା ଜି.ଏସ୍.ଡ଼ି.ପି ର 5.17 , ଯାହାକି 2015-16 ରେ ହାସଲ ହୋଇଥିବା ଠାରୁ ଅଧିକ ହୋଇପାରି ନଥିଲା । ପୁଞ୍ଜିଗତ ବ୍ୟୟ ଏବଂ ସମୁଦାୟ ଖର୍ଚ୍ଚର ଅନୁପାତ 2015-18 ମଧ୍ୟରେ ଅଳ୍ପେ ବହୁତେ 22 ପ୍ରତିଶତରେ ସ୍ଥିର ରହିଥିଲା ମାତ୍ର ଏହା 2018-19 ରେ 21.35 ପ୍ରତିଶତକୁ ଖସି ଆସିଥିଲା ଯାହାକି ରେଖାଚିତ୍ର 1.13 ରେ ଦର୍ଶାଯାଇଛି ।

**ରେଖାଚିତ୍ର 1.13: ଜିଏସ୍‌ଡ଼ିପି ଏବଂ ସମୁଦାୟ ଖର୍ଚ୍ଚର ପୁଞ୍ଜିଗତ ବ୍ୟୟ ପ୍ରତିଶତ ହିସାବରେ**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ.

ପୂର୍ବ ବର୍ଷ ତୁଳନାରେ ପୁଞ୍ଜିଗତ ବ୍ୟୟ (2,373 କୋଟି ଟଙ୍କା) ମୁଖ୍ୟତଃ ପରିବହନ (1,813.76 କୋଟି ଟଙ୍କା), ଗ୍ରାମ୍ୟ ଉନ୍ନୟନ (1,250 କୋଟି ଟଙ୍କା), ଜଳ ଯୋଗାଣ ଏବଂ ପରିମଳ (620.84 କୋଟି ଟଙ୍କା) ଏବଂ ସାଧାରଣ ସେବା (265.02 କୋଟି ଟଙ୍କା) ବ୍ୟୟ ହେବା ଯୋଗୁଁ ବୃଦ୍ଧି ପାଇଥିଲା ଯାହାକି, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ (1134.25 କୋଟି ଟଙ୍କା), ଶକ୍ତି (313.50 କୋଟି ଟଙ୍କା), ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ (154.49 କୋଟି ଟଙ୍କା) ଏବଂ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ କଲ୍ୟାଣ (153.89 କୋଟି ଟଙ୍କା) ବିଭାଗରେ ପୂର୍ବ ବର୍ଷ ତୁଳନାରେ ବ୍ୟୟକୁ କମ୍ କରାଯାଇ ଆଂଶିକ ଭରଣା କରିବାକୁ ଚେଷ୍ଟା କରାଯାଇଥିଲା ।

## 1.5.5 ସରକାରୀ ବ୍ୟୟର ପର୍ଯ୍ୟାପ୍ତତା

ମାନବ ସମ୍ବଳ ବିକାଶ ପାଇଁ ରାଜ୍ୟ ନିଜର କିଛି ମୁଖ୍ୟ ସମାଜିକ ସେବା ଯଥା – ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ଉପରେ ହେଉଥିବା ବ୍ୟୟକୁ ବଢାଇବା ଦରକାର । ନିମ୍ନବିତ୍ତୀୟ ଅଗ୍ରାଧିକାର(ନିର୍ଦ୍ଦିଷ୍ଟ ବର୍ଗର ବ୍ୟୟ ଓ ସମ୍ପୂର୍ଣ୍ଣ ବ୍ୟୟ ଅନୁପାତ) ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଦିଆଯାଇଥାଏ ଯଦି ଜାତୀୟ ହାରାହାରି ମୂଲ୍ୟ ଠାରୁ ଏହା କମ୍ ଥାଏ । 2018-19 ବର୍ଷରେ ରାଜ୍ୟ ସରକାରଙ୍କର ବିତ୍ତୀୟ ଅଗ୍ରାଧିକାର ଅନୁସାରେ ଉନ୍ନୟନ ମୂଳକ ବ୍ୟୟ*, ସାମାଜିକ ବ୍ୟୟ, ଅର୍ଥନୈତିକ ସେବା ଖର୍ଚ୍ଚ ଏବଂ ପୁଞ୍ଜିଗତ ଖର୍ଚ୍ଚର ବିଶ୍ଳେଷଣ ସାଧାରଣ ବର୍ଗ ରାଜ୍ୟମାନଙ୍କ[16] ସହିତ ତୁଳନାତ୍ମକ ଛବି ରେଖାଚିତ୍ର 1.14 ରେ ଦର୍ଶାଗଲା ।

**ରେଖାଚିତ୍ର 1.14: ଅଗ୍ରାଧିକାର ଭିତ୍ତିରେ ସରକାରୀ ବ୍ୟୟର ପ୍ରତିଶତ**




ଉତ୍ସ : ବିତ୍ତୀୟ ହିସାବ # ଉନ୍ନୟନ ରାଜସ୍ୱ ବ୍ୟୟ, ଉନ୍ନୟନ ପୁଞ୍ଜିଗତ ଖର୍ଚ୍ଚର ଉନ୍ନୟନ ଖର୍ଚ୍ଚ ଏବଂ ଋଣ ଏବଂ ଅଗ୍ରିମ ପ୍ରଦାନ ଆଦି ଉନ୍ନୟନ ବ୍ୟୟର ଅନ୍ତର୍ଭୁକ୍ତ

16 ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଗୋଆ, ଗୁଜୁରାଟ, ହରିଆନା, ଝାରଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଂଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମ ବଙ୍ଗ ।

ଉପରୋକ୍ତ ରେଖାଚିତ୍ରରୁ ଏହା ଅନୁମାନ କରାଯାଏ ଯେ ଜି.ଏସ୍.ଡ଼ି.ପି ଅନୁସାରେ ସମୁଦାୟ ଖର୍ଚ୍ଚର ସ୍ଥିତି ସାଧାରଣ ବର୍ଗ ରାଜ୍ୟମାନଙ୍କ ଠାରୁ ଓଡ଼ିଶାର ଭଲ ଥିଲା । ସାଧାରଣ ବର୍ଗ ରାଜ୍ୟ ତୁଳନାରେ ଉନ୍ନୟନ ଖର୍ଚ୍ଚ, ସାମାଜିକ ସେବା ବ୍ୟୟ, ଅର୍ଥନୈତିକ ସେବା ଖର୍ଚ୍ଚ, ପୁଞ୍ଜିଗତ ଖର୍ଚ୍ଚ ଏବଂ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଥିଲା । ମାତ୍ର ସ୍ୱାସ୍ଥ୍ୟ ସେବା ବ୍ୟୟ କ୍ଷେତ୍ରରେ ରାଜ୍ୟ ଅନ୍ୟ ସାଧାରଣ ବର୍ଗ ରାଜ୍ୟଙ୍କ ଠାରୁ ପଛୁଆ ଥିଲା । .

### *1.5.5.1 କେତେକ ମୁଖ୍ୟ ସାମାଜିକ ଅର୍ଥନୈତିକ କ୍ଷେତ୍ରରେ ମୁଣ୍ଡ ପିଛା ବ୍ୟୟ*

ଓଡ଼ିଶାର କେତେକ ମୁଖ୍ୟ ସାମାଜିକ ଅର୍ଥନୈତିକ କ୍ଷେତ୍ରରେ 2018-19 ପାଇଁ ମୁଣ୍ଡ ପିଛା ବ୍ୟୟ ଏବଂ 2017-18 ବର୍ଷ ସହିତ ଏହାର ତୁଳନାତ୍ମକ ଚିତ୍ର ସାରଣୀ 1.17 ରେ ଦର୍ଶାଗଲା ।

ସାରଣୀ **1.17:** ମୁଖ୍ୟ ସାମାଜିକ ଅର୍ଥନୈତିକ କ୍ଷେତ୍ରର ମୁଣ୍ଡପିଛା ବ୍ୟୟ

| ବିଭାଗ | ବ୍ୟୟ (କୋଟିରେ) | ରାଜ୍ୟର ଜନସଂଖ୍ୟା (କୋଟିରେ) | ମୁଣ୍ଡପିଛା ବ୍ୟୟ (ଟଙ୍କାରେ) | ବ୍ୟୟ (କୋଟିରେ) | ରାଜ୍ୟର ଜନସଂଖ୍ୟା (କୋଟିରେ) | ମୁଣ୍ଡପିଛା ବ୍ୟୟ (ଟଙ୍କାରେ) | ବୃଦ୍ଧି/ ହ୍ରାସର ପ୍ରତିଶତ |
|---|---|---|---|---|---|---|---|
| | 2017-18 | | | 2018-19 | | | |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 4,927 | 4.35 | 1,133 | 5,703 | 4.37 | 1,305 | 15.18 |
| ଶିକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତି | 14,534 | 4.35 | 3,341 | 17,020 | 4.37 | 3,895 | 16.58 |
| କୃଷି | 6,096 | 4.35 | 1,401 | 8,288 | 4.37 | 1,897 | 35.40 |
| ଗ୍ରାମ୍ୟ ଉନ୍ନୟନ | 9,166 | 4.35 | 2,107 | 11,380 | 4.37 | 2,604 | 23.59 |
| ପରିବହନ | 9,372 | 4.35 | 2,154 | 10,888 | 4.37 | 2,490 | 15.60 |

ଉତ୍ସ : 2017-18 ଓ 2018-19 ପାଇଁ ବିତ୍ତୀୟ ଖାତାରେ ବ୍ୟୟ ଏବଂ ଜାତୀୟ ଜନସଂଖ୍ୟା ଆୟୋଗ 2019 ରୁ ଜନସଂଖ୍ୟା

ଉପରୋକ୍ତ ସାରଣୀରୁ ଏହା ପରିଲକ୍ଷିତ କରାଯାଇପାରେ ଯେ ପୂର୍ବ ବର୍ଷ ତୁଳନାରେ 2018-19 ରେ ମୁଖ୍ୟ ସାମାଜିକ ଅର୍ଥନୈତିକ କ୍ଷେତ୍ରରେ ମୁଣ୍ଡପିଛା ବ୍ୟୟରେ ଉନ୍ନତି ଘଟିଥିଲା । ପୂର୍ବ ବର୍ଷ ତୁଳନାରେ ମୁଣ୍ଡ ପିଛା ବ୍ୟୟରେ କୃଷି କ୍ଷେତ୍ର ଅଗ୍ରାଧିକା ଭିତ୍ତିରେ 35.40 ପ୍ରତିଶତ ବୃଦ୍ଧି ହୋଇଥିବା ସ୍ଥଳେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପୂର୍ବ ବର୍ଷ ତୁଳନାରେ ମୁଣ୍ଡପିଛା ବ୍ୟୟରେ 15.18 ପ୍ରତିଶତ ବୃଦ୍ଧି ଘଟିଥିଲା ।

## 1.6 ଆସ୍ତି ଓ ଦାୟର ପ୍ରଣୟନ

ପ୍ରଚଳିତ ସରକାରୀ ହିସାବ ପଦ୍ଧତିରେ ସ୍ଥାୟୀ ଆସ୍ତି ଯଥା – ସରକାରଙ୍କର ନିଜସ୍ୱ ଜମି ଜମା ଓ କୋଠାବାଡ଼ିର ହିସାବ ବ୍ୟାପକ ଭାବେ କରାଯାଇ ନାହିଁ, ଏଗୁଡ଼ିକ ସରକାରୀ ବ୍ୟୟରେ ନିର୍ମିତ ଆର୍ଥିକ ଦେୟ ଓ ଆସ୍ତି ହିସାବରୁ ଜଣାପଡ଼େ । **ପରିଶିଷ୍ଟ 1.6** ରେ 31 ମାର୍ଚ୍ଚ 2019 ସୁଦ୍ଧା ଦାୟ ଓ ଆସ୍ତି ସହିତ 31 ମାର୍ଚ୍ଚ 2018 ରେ ଥିବା ଦେୟତା ଓ ଆସ୍ତିର ଏକ ତୁଳନାତ୍ମକ ସ୍ଥିତିର ସାରାଂଶ ପ୍ରଦାନ କରାଯାଇଛି ।

### 1.6.1 ସରକାରୀ ସମ୍ପତ୍ତି

ପୁଞ୍ଜି ବ୍ୟୟ, ପୁଞ୍ଜି ଲଗାଣ, ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଓ ଅଗ୍ରୀମ ଏବଂ ବଳକା ଅର୍ଥ ରାଶିକୁ ନେଇ ସରକାରଙ୍କ ସମ୍ପତ୍ତି ଗଠିତ ।

### 1.6.1.1 ସରକାରୀ ଉଦ୍ୟୋଗରେ ପୁଞ୍ଜି ଲଗାଣ

ସରକାରୀକମ୍ପାନୀ ଗୁଡ଼ିକ (4,079.06 କୋଟି ଟଙ୍କା), ସମବାୟ ସଂସ୍ଥା (721.67 କୋଟି), ସଂବିଧିବଦ୍ଧ ନିଗମ (550.99 କୋଟି ଟଙ୍କା) ଏବଂ ଅନ୍ୟାନ୍ୟ[17] (2.15 କୋଟି ଟଙ୍କା) ସଂସ୍ଥା ଭଳି ସରକାରୀ ଉଦ୍ୟୋଗ ଗୁଡ଼ିକରେ 31 ମାର୍ଚ୍ଚ 2019 ସୁଦ୍ଧା ସରକାରଙ୍କ ବିନିଯୋଗ 5,353.76 କୋଟି ଟଙ୍କା ଥିଲା । ଏହି ବିନିଯୋଗରୁ 4,442.25 କୋଟି ଟଙ୍କା ଅର୍ଥାତ୍ ସମୁଦାୟ ନିବେଶର ୪3 ପ୍ରତିଶତ ଲାଭାଂଶ ଆକାରରେ ଫେରସ୍ତ ମିଳିନଥିଲା । 2014-19 ମଧ୍ୟରେ ପୁଞ୍ଜି ଲଗାଣର ସବିଶେଷ ବିବରଣ ସାରଣୀ 1.18 ରେ ପ୍ରଦତ୍ତ ହେଲା ।

ସାରଣୀ **1.18:** ବିନିଯୋଗରୁ ପ୍ରତ୍ୟାଗମ

| କ୍ର.ସଂ | ବିଭାଗ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|---|
| 1 | ବର୍ଷ ଶେଷ ସୁଦ୍ଧା ପୁଞ୍ଜି ଲଗାଣ | 3,504.87 | 3,881.32 | 4,423.02 | 4,974.21 | 5,353.76 |
| 2 | ଲାଭାଂଶ ରୂପେ ପ୍ରତ୍ୟାଗମ (କୋଟି ଟଙ୍କାରେ) | 1,076.44 | 553.36 | 566.04 | 66.22 | 543.94 |
| 3 | ପ୍ରତ୍ୟାଗମର ହାର (ପ୍ରତିଶତ) | 30.71 | 14.26 | 12.80 | 1.33 | 10.16 |
| 4 | ସରକାରୀ ଉଧାର ଉପରେ ସୁଧର ହାରାହାରି ଦର (ପ୍ରତିଶତ) | 5.90 | 6.06 | 7.62 | 7.58 | 7.74 |
| 5 | ପ୍ରାପ୍ତିହାର (ପ୍ରତିଶତ) ଓ ସୁଧ ହାର ମଧ୍ୟରେ ଅନ୍ତର (3-4) | 24.81 | 8.20 | 5.18 | (-)6.25 | 2.42 |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀ ଦର୍ଶାଉଛି ଯେ, 2018-19 ବର୍ଷରେ ସମୁଦାୟ ବିନିଯୋଗ ହୋଇଥିବା 5353.76 କୋଟି ଟଙ୍କା ମଧ୍ୟରୁ କେବଳ 543.94 କୋଟି ଟଙ୍କା ଲାଭାଂଶ ବାବଦକୁ ମିଳିଥିଲା ।

- ଏଥିରୁ ଅବଲୋକନ କରାଗଲା ଯେ 147 ଟି ସତ୍ତା ମଧ୍ୟରୁ କେବଳ 13 ଟି ସତ୍ତା ଲାଭାଂଶ ପ୍ରଦାନ କରିଥିଲେ । ଏହା ମଧ୍ୟରେ ଗୋଟିଏ ସମବାୟ ସଂସ୍ଥା[18], 11 ଟି ସରକାରୀ କମ୍ପାନୀ[19] (ଯେଉଁଥିରେ ଏକ ଶକ୍ତି କ୍ଷେତ୍ର କମ୍ପାନୀ ଥିଲା) ଏବଂ ଗୋଟିଏ ସଂବିଧିବଦ୍ଧ ନିଗମ[20] ରହିଥିଲେ ।
- ବିନିଯୋଗ ହୋଇଥିବା ସମୁଦାୟ 5,353.76 କୋଟି ଟଙ୍କା ମଧ୍ୟରୁ 2,956.77 କୋଟି ଟଙ୍କା (55 ପ୍ରତିଶତ) ଚାରିଟି[21] ଶକ୍ତି କ୍ଷେତ୍ର କମ୍ପାନୀ ରେ ବିନିଯୋଗ ହୋଇଥିଲା । ଏମାନଙ୍କ ମଧ୍ୟରୁ କେବଳ ଗୋଟିଏ[22] କମ୍ପାନି 18.65 କୋଟି ଟଙ୍କା (3.43 ପ୍ରତିଶତ) ଲାଭାଂଶ ପ୍ରଦାନ କରିଥିଲେ ।
- ପ୍ରତ୍ୟାଗମନର ପ୍ରତିଶତ 2017-18 ରେ 1.33 ପ୍ରତିଶତ ରୁ 2018-19 ର 10.16 ପ୍ରତିଶତକୁ ବୃଦ୍ଧି ହୋଇଥିଲା । ଓଡ଼ିଶା ଖଣି ନିଗମରେ ବିନିଯୋଗ ହୋଇଥିବା 31.45 କୋଟି ଟଙ୍କାର ଲାଭାଂଶ ସ୍ୱରୁପ 500 କୋଟି ଟଙ୍କା ମିଳିବା

---

17 ଯୌଥ କାରବାର କମ୍ପାନୀ ଏବଂ ଭାଗୀଦାରିତା ଏବଂ ଗ୍ରାମ୍ୟ ବ୍ୟାଙ୍କ ।

18 ସମବାୟ ସମିତି: ସେବା ସମବାୟ 0.61 କୋଟି ଟଙ୍କା

19 ସରକାରୀ ଉଦ୍ୟୋଗ : କୃଷି ଭିତ୍ତିକ ପ୍ରୋତ୍ସାହନ ଏବଂ ବିନିଯୋଗ ନିଗମ ଲିମିଟେଡ଼ (ଏପିଆଇସିଓଏଲ) : 0.03 କୋଟି ଟଙ୍କା ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ଼ (ଓଏସସିଡ଼ିସି) : 0.47 କୋଟି ଟଙ୍କା ଓଡ଼ିଶା ବନ୍ୟ ଉନ୍ନୟନ ନିମଗ ଲିମିଟେଡ଼ : 6.21 କୋଟି ଟଙ୍କା, ଓଡ଼ିଶା କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ନିଗମ ଲିମିଟେଡ଼ (ଓଏସଆଇସି) : 2.95 କୋଟି ଟଙ୍କା, ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ଼ (ଓସିସି) : 4.63 କୋଟି ଟଙ୍କା ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ (ଓବିସିସି): 1.00 କୋଟି ଟଙ୍କା, ଓଡ଼ିଶା ରାଜ୍ୟ ପୋଲିସ ଗୃହ ଏବଂ କଲ୍ୟାଣ ନିଗମ : 4.24 କୋଟି ଟଙ୍କା, ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି): 500.00 କୋଟି ଟଙ୍କା, ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚପିସି) : 18.65 କୋଟି ଟଙ୍କା, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ (ଓଟିଡିସି): 2.00 କୋଟି ଟଙ୍କା ଏବଂ ଓଡ଼ିଶା ଜ୍ଞାନ ନିଗମ ଲିମିଟେଡ୍: 0.06 କୋଟି ଟଙ୍କା ।

20 ବୈଧାନିକ ନିଗମ : ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ, ଭୁବନେଶ୍ୱର : 3.11 କୋଟି ଟଙ୍କା ।

20 ଓପିଜିସି 1130.46 କୋଟି ଟଙ୍କା, ଓପିଟିସିଏଲ 790.07 କୋଟି ଟଙ୍କା, ଜିଆରଆଇଡ଼ିସିଓ 573.44 କୋଟି ଟଙ୍କା ଏବଂ ଓଏଚପିସି 462.80 କୋଟି ଟଙ୍କା ।

22 ଓଏଚପିସି : 18.65 କୋଟି ଟଙ୍କା

ଯୋଗୁଁ ଏହା ସମ୍ଭବ ହୋଇଥିଲା । ଓଏମ୍‌ସି ସର୍ବଶେଷ ଲାଭାଂଶ ପ୍ରଦାନକାରୀ ସଂସ୍ଥା ଥିଲା, 2014-15 ରେ 1,001 କୋଟି ଟଙ୍କା, 2015-16 ରେ 500 କୋଟି ଟଙ୍କା ଏବଂ 2016-17 ରେ 500 କୋଟି ଟଙ୍କା ପ୍ରଦାନ କରିଥିଲା ।

- 147 ଟି ସଭା (72 ଅଚଳ) ମଧ୍ୟରୁ 62 ଟି ସଭା 2018-19 ରେ ଲାଭାଂଶ ପଇଠ କରିନଥିଲେ ।

### 1.6.1.2 ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଋଣ ଓ ଅଗ୍ରୀମ

ସରକାରୀ ଉଦ୍ୟୋଗ ଓ ସ୍ୱୟଂସାଶିତ ନିକାୟ ଗୁଡ଼ିକୁ ଯେପରିକି ବିଶ୍ୱବିଦ୍ୟାଳୟ, ସ୍ଥାନୀୟ ନିକାୟ ଓ ସହର ବିକାଶ ପ୍ରାଧିକରଣ ଏବଂ ନିଗମ ଆଦିଗୁଡ଼ିକୁ ସରକାର ଋଣ ଓ ଅଗ୍ରୀମ ପ୍ରଦାନ କରନ୍ତି । ସାରଣୀ 1.19 ରେ 2014-19 ବର୍ଷର ବକେୟା ଋଣ ଓ ଅଗ୍ରିମ ଗୁଡ଼ିକର ସବିଶେଷ ବିବରଣୀ ଦର୍ଶାଗଲା ।

**ସାରଣୀ 1.19: ରାଜ୍ୟ ସରକାରଙ୍କ ଦ୍ୱାରା ଋଣ ଓ ଅଗ୍ରୀମର ସବିଶେଷ ବିବରଣୀ**

| ଋଣର ପରିମାଣ/ସୁଧପ୍ରାପ୍ତି / ଧାର ର ପରିମାଣ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| **ପ୍ରାରମ୍ଭିକ ଅବଶେଷ (କୋଟି ଟଙ୍କାରେ)** | **4,183** | **4,449** | **4,557** | **4,708** | **6,326** |
| ବର୍ଷ ମଧ୍ୟରେ ପ୍ରଦତ୍ତ ଅଗ୍ରୀମ (କୋଟି ଟଙ୍କାରେ) | 358 | 337 | 254 | 1,875 | 1,170 |
| ବର୍ଷ ମଧ୍ୟରେ ଅସୁଲି ରାଶି (କୋଟି ଟଙ୍କାରେ) | 92 | 228 | 89 | 257 | 305 |
| **ଅନ୍ତିମ ଅବଶେଷ (କୋଟି ଟଙ୍କାରେ)** | **4,449** | **4,558** | **4,708*** | **6,326** | **7,191** |
| ନିଟ୍ (କୋଟି ଟଙ୍କାରେ) | (+)266 | (+)109 | (+)151 | (+)1,618 | (+)865 |
| ସୁଧପ୍ରାପ୍ତି (କୋଟି ଟଙ୍କାରେ) | 14 | 181 | 36 | 41 | 35 |
| ବକେୟା ଋଣ ଏବଂ ଅଗ୍ରୀମର ପ୍ରତିଶତ ହିସାବରେ ସୁଧ ପ୍ରାପ୍ତି (ପ୍ରତିଶତରେ) | 0.31 | 3.97 | 0.76 | 0.65 | 0.49 |
| ସୁଧ ପରିଶୋଧ (କୋଟି ଟଙ୍କାରେ) | 2,810 | 3,343 | 4,035 | 4,988 | 5,800 |
| ବକେୟା ଦେୟତା / କରଜ (କୋଟି ଟଙ୍କାରେ) | 50,493 | 59,753 | 71,623 | 97,164 | 1,08,258 |
| ରାଜ୍ୟ ସରକାରଙ୍କର ମୋଟ ବକେୟା ଦେୟ ତା ଉପରେ ସୁଧ ପରିଶୋଧ ପ୍ରତିଶତ ହିସାବରେ (ପ୍ରତିଶତରେ) | 5.57 | 5.59 | 5.63 | 5.13 | 5.36 |
| ସୁଧ ପ୍ରାପ୍ତି ଓ ସୁଧ ପ୍ରଦାନ ମଧ୍ୟରେ ଅନ୍ତର (ପ୍ରତିଶତରେ) | (-)5.26 | (-)1.62 | (-)4.87 | (-)4.48 | (-)4.87 |

* **4722-4708** ଋଣ ପୁଞ୍ଜି ବିନିଯୋଗ ଅଂଶକୁ ପରିବର୍ତ୍ତନ ଯୋଗୁଁ 14 କୋଟି ଟଙ୍କା ପାର୍ଥକ୍ୟ ହୋଇଥିଲା ।

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ସାରଣୀରୁ ଏହା ନିର୍ଦ୍ଧାରଣ କରାଯାଇପାରେ ଯେ :

- ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରିମ 2014-15 ରେ 358 କୋଟି ଟଙ୍କା ଥିଲାବେଳେ ଏହା ତିନି ଗୁଣ ବୃଦ୍ଧି ପାଇ 2018-19 ରେ 1,170 କୋଟି ଟଙ୍କା ହୋଇଥିଲା । ବକେୟା ଋଣ ଏବଂ ଅଗ୍ରୀମ 2014-15 ରେ 4,449 କୋଟି ଟଙ୍କାରୁ ବୃଦ୍ଧି ପାଇ 2018-19 ରେ 7,191 କୋଟିଟଙ୍କା ହୋଇଥିଲା । 2018-19 ବର୍ଷରେ ପ୍ରଦତ୍ତ ଋଣ ଏବଂ ଅଗ୍ରିମର ମୁଖ୍ୟ ଭାଗ ଭାରତୀୟ ତୈଳ ନିଗମ (700 କୋଟି ଟଙ୍କା), ଓଡ଼ିଶା ରାଜ୍ୟ ସମବାୟ ବଜାର ସଂଘ (150 କୋଟି ଟଙ୍କା), ଓଡ଼ିଶା ଶକ୍ତି ବିତରଣ ନିଗମ ଲିମିଟେଡ୍ (150 କୋଟି ଟଙ୍କା) ଏବଂ ଓଡ଼ିଶା ରାଜ୍ୟ ବିହନ ନିଗମ (60 କୋଟି ଟଙ୍କା) କୁ ପ୍ରଦାନ କରାଯାଇଥିଲା । ଓଡ଼ିଶା ସରକାର ପାରାଦୀପ ବିଶୋଧନ ପ୍ରକଳ୍ପକୁ 10,500 କୋଟି ଟଙ୍କାର ଭାୟାବିଲିଟି ଗ୍ୟାପ ଫଣ୍ଡ[23] ସ୍ୱରୁପ ଭାବରେ 15 ବର୍ଷ ସୁଧ ମୁକ୍ତ ଋଣର ଅଂଶ ପ୍ରଦାନ କରିବା ପାଇଁ ଭାରତୀୟ ତୈଳ ନିଗମ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହାର ଏକ ଅଂଶ ସ୍ୱରୁପ, ରାଜ୍ୟ ସରକାର 2017-18 ରେ 1400 କୋଟି ଟଙ୍କା ଏବଂ 2018-19 ରେ 700 କୋଟି ଟଙ୍କା ବଣ୍ଟନ କରିଥିଲେ ।

- ଚଳିତ ବର୍ଷ ଋଣ ଅସୁଲି (305 କୋଟି ଟଙ୍କା), ବର୍ଷ ମଧ୍ୟରେ ପ୍ରଦତ୍ତ ଅଗ୍ରୀମ (1,170 କୋଟି ଟଙ୍କା)ର 26.07 ପ୍ରତିଶତ ଥିଲା ଏବଂ ଏଥିରେ ପୂର୍ବବର୍ଷ (257 କୋଟି ଟଙ୍କା) ତୁଳନାରେ ଉନ୍ନତି ଘଟିଥିଲା । ବାସ୍ତବ ଅସୁଲି (305 କୋଟି ଟଙ୍କା) ଯାହାକି ବଜେଟରେ ଆକଳନ କରାଯାଇଥିବା ଅସୁଲି (150 କୋଟି ଟଙ୍କା) ଠାରୁ 103.33 ପ୍ରତିଶତ ଅଧିକ ଥିଲା ।

23 ଭିଜିଏଫ -ଭାୟାବିଲିଟି ଗ୍ୟାପ୍ ଫଣ୍ଡିଙ୍ଗ ଅର୍ଥ ଅର୍ଥନୈତିକ ଦୃଷ୍ଟିରୁ ନ୍ୟାୟସଂଗତ କିନ୍ତୁ ଆର୍ଥିକ ଦୃଷ୍ଟିରୁ ଟିକି ରହିବା ପାଇଁ ସକ୍ଷମ ହେଉନଥିବା ପ୍ରକଳ୍ପମାନଙ୍କୁ ଅନୁଦାନ ସହାୟତା ।

- ସୁଧପ୍ରାପ୍ତି 2014-15 ରେ 14 କୋଟି ଟଙ୍କାରୁ ବୃଦ୍ଧି ହୋଇ 2018-19 ରେ 35 କୋଟି ଟଙ୍କା ହୋଇଥିଲା । ସମୁଦାୟ ବକେୟା ଋଣ ଏବଂ ଅଗ୍ରିମର ସୁଧ ପ୍ରାପ୍ତିର ପ୍ରତିଶତ 2014-15 ରେ 0.31 ପ୍ରତିଶତରୁ ବୃଦ୍ଧି ପାଇ 2018-19 ରେ 0.49 ପ୍ରତିଶତରେ ପହଞ୍ଚିଥିଲା । ଅନ୍ୟ ପକ୍ଷରେ 2018-19 ବର୍ଷରେ ସମୁଦାୟ ବକେୟା ଦେୟ (1,08,258 କୋଟି ଟଙ୍କା) ବାବଦକୁ ସୁଧ ପ୍ରଦାନ (5,800 କୋଟି ଟଙ୍କା) 5.36 ପ୍ରତିଶତ ଥିଲା । ଯାହାଫଳରେ, ବର୍ଷ ମଧ୍ୟରେ ସରକାରଙ୍କ କରଜ ଉପରେ ପର୍ଯ୍ୟାପ୍ତ ସୁଧ ନକରାତ୍ମକ (-4.87 ପ୍ରତିଶତ) ଥିଲା ଅର୍ଥାତ୍ ପ୍ରଦାନ କରାଯାଇଥିବା ଋଣ ଓ ଅଗ୍ରୀମ ଅପେକ୍ଷା ରାଜ୍ୟର କରଜ ଅଧିକ ଥିଲା । .

### *1.6.1.3 ବଳକା ଅର୍ଥ ରାଶି*

ମାର୍ଚ୍ଚ 2019 ସୁଦ୍ଧା ବଳକା ଅର୍ଥରାଶି 38,134.48 କୋଟି ଟଙ୍କା ଥିଲା । 2018-19 ରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶ ଏବଂ ବଳକା ଅର୍ଥରାଶିର ବିଠା ସାରଣୀ 1.20 ରେ ପ୍ରଦତ୍ତ ହେଲା ।

ସାରଣୀ **1.20:** ବଳକା ଅର୍ଥ ଓ ବଳକା ଅର୍ଥର ନିବେଶ

(କୋଟି ଟଙ୍କାରେ)

| | ଅନ୍ତିମ ଅବଶେଷ 31/03/2018 ସୁଦ୍ଧା | ଅନ୍ତିମ ଅବଶେଷ 31/03/2019 ସୁଦ୍ଧା |
|---|---|---|
| **(କ)** ସାଧାରଣ ରୋକଡ଼ ଅବଶେଷ - | | |
| ଟ୍ରେଜରିରେ ଥିବା ରୋକଡ଼ | -- | -- |
| ରିଜର୍ଭ ବ୍ୟାଙ୍କରେ ପୈଠ | 557.03 | 1,624.56 |
| ଅନ୍ୟାନ୍ୟ ବ୍ୟାଙ୍କରେ ପୈଠ | -- | -- |
| ପ୍ରେରିତ ଟଙ୍କା – (ସ୍ଥାନୀୟ) | -- | -- |
| ରୋକଡ଼ ଅବଶେଷ ନିବେଶ ହିସବାରେ ଥିବା ନିବେଶ | 24,747.97 | 23,135.59 |
| ମୋଟ **(କ)** | **25,305.00** | **24,760.15** |
| **(ଖ)** ଅନ୍ୟାନ୍ୟ ରୋକଡ଼ ଅବଶେଷ ଏବଂ ନିବେଶ | | |
| ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଥିବା ଜମା ରାଶି ଯଥା - ପୂର୍ତ୍ତ ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲାପାଳ | 19.78 | 19.75 |
| ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଥିବା ସ୍ଥାୟୀ ଅଗ୍ରିମ, ଆକସ୍ମିକ ଖର୍ଚ୍ଚ ପାଇଁ ଥିବା ଅଗ୍ରୀମ ରାଶି | 0.33 | 0.33 |
| ଚିହ୍ନିତ ପାଣ୍ଠିରେ ବିନିଯୋଗ (ଏକତ୍ରିକୃତ ଋଣ ଶୋଧନ ପାଣ୍ଠି ନିଧି – 12,052.84 କୋଟି ଟଙ୍କା ଏବଂ ଗ୍ୟାରେଣ୍ଟି ମୋଚନ ପାଣ୍ଠି – 1,301.41 କୋଟି ଟଙ୍କା 31 ମାର୍ଚ୍ଚ 2019 ସୁଦ୍ଧା) | 5,523.00 | 13,354.25 |
| ମୋଟ **(ଖ)** | **5,543.11** | **13,374.33** |
| **ସର୍ବ ମୋଟ (କ)+ (ଖ )** | **30,848.11** | **38,134.48** |

**ଉତ୍ସ** : 2018-19 ର ବିତ୍ତୀୟ ହିସାବ

2015-16, 2016-17 , 2017-18 ଏବଂ 2018-19 ଆର୍ଥିକ ବର୍ଷରେ ଅନ୍ତିମ ଜମା ରାଶି (ବଳକା ଅର୍ଥରାଶି) ଯଥାକ୍ରମେ 12,047.68 କୋଟି ଟଙ୍କା, 14,601.11 କୋଟି ଟଙ୍କା, 30,848.11 କୋଟି ଟଙ୍କା ଏବଂ 38,134.48 କୋଟି ଟଙ୍କା ଥିଲା । ଏହା ଦର୍ଶାଏ ଯେ ରାଜ୍ୟ ସରକାର ଏକ ଆର୍ଥିକ ଦୁର୍ବଳ ରାଜ୍ୟ ହୋଇଥିଲେ ହେଁ ସରକାର ପ୍ରତିବର୍ଷ ନିୟମିତ ଭାବରେ ବୃହତ ଜମାରାଶି ରଖି ଚାଲିଥିଲେ।

- ବିତ୍ତୀୟ ଖାତାରେ ବିଶେଷ ଉଦ୍ଦେଶ୍ୟମୂଳକ ତଥ୍ୟରୁ ଜଣାପଡ଼େ ଯେ, 14,127.59 କୋଟିର ଏକ ଜମା ରାଶି ଓଡ଼ିଶା ଖଣି ଅଂଚଳ ଉନ୍ନୟନ ପାଣ୍ଠିର ଖାତାରେ ଜମା କରାଯାଇଥିଲା । ନଥିପତ୍ର ଯାଂଚରୁ ଜଣା ପଡ଼ିଲା ଯେ, ଭାରତର ମାନ୍ୟବର ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ (2 ଅଗଷ୍ଟ 2017) ଯେ, ଖଣି ଉନ୍ନୟନ ପାଣ୍ଠି ଆଇନର ଖଣି ଓ ଖଣିଜ ସଂପଦ ଅନୁଚ୍ଛେଦ 21 (5) (ବିକାଶ ଓ ନିୟନ୍ତ୍ରଣ) (ଏମଏମଡ଼ିଆର) ଧାରା ଅନୁଯାୟୀ ଅନିୟମିତତା ଭାବରେ ଖନନ କରାଯାଇଥିବା ଖଣିଜ ସଂପଦ ପାଇଁ ଆଦାୟ ହେବାକୁ ଥିବା କ୍ଷତି ଭରଣ ରାଶି (ଓଏମବିଏଡ଼ିସି ) ସହିତ ଆଦିବାସୀ କଲ୍ୟାଣ ଏବଂ ଆଂଚଳିକ ଉନ୍ନତି ପାଇଁ ଗୋଟିଏ ସତନ୍ତ୍ର ଉଦ୍ଦେଶ୍ୟମୂଳକ କାର୍ଯ୍ୟ ହାତକୁ ନେବେ ।

- ଋଣ ପରିଶୋଧ ପାଇଁ ସମଷ୍ଟିଭୁକ୍ତ ପାଣ୍ଠିରେ ନିବେଶ ଅର୍ଥରୁ 2018-19 ରେ ସୁଧ ବାବଦକୁ (2006-07 ରୁ 2017-18 ପର୍ଯ୍ୟନ୍ତ) 7,009.84 କୋଟି ଟଙ୍କା ଏବଂ ନିଶ୍ଚିତ ପୁନରୁଦ୍ଧାର ପାଣ୍ଠିରେ ନିବେଶ ଅର୍ଥରୁ ମିଳିଥିବା 821.41 କୋଟି ଟଙ୍କାର ସୁଧ (2002-03 ରୁ 2017-18 ପର୍ଯ୍ୟନ୍ତ) ସଂପୃକ୍ତ ପାଣ୍ଠିରେ ଜମା ହୋଇଥିଲା, ଯାହାଫଳରେ ପରିଚାୟକ ଚିହ୍ନିତ ପାଣ୍ଠିର ରାଶି 2017-18 ରେ 5,523 କୋଟି ଟଙ୍କାରୁ ବୃଦ୍ଧି ହୋଇ 2018-19 ରେ 13,354.25 କୋଟି ଟଙ୍କା ହୋଇଥିଲା।

- ନିୟମ, ନିର୍ଦ୍ଧାରିତ ଅତିକ୍ରମ୍‌ରେ 1.28 କୋଟି ଟଙ୍କାର ଅର୍ଥରାଶି ବଦଳରେ ରାଜ୍ୟ ସରକାର 31 ମାର୍ଚ୍ଚ 2019 ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କରେ 1,624.56 କୋଟିର ରାଶି ଜମା ରଖିଥିଲେ । (ପୂର୍ବ ବର୍ଷ ତୁଳନାରେ 191.65 ପ୍ରତିଶତ ବୃଦ୍ଧି ଘଟିଥିଲା।

- ଭାରତ ସରକାରଙ୍କ ଟ୍ରେଜେରୀ ବିଲ (ଟିବି) ଏବଂ ଭାରତ ସରକାରଙ୍କ ଷ୍ଟକରେ ରାଜ୍ୟ ସରକାର 23,135.59 କୋଟି ଟଙ୍କା ଅର୍ଥ ରାଶି ନିବେଶ କରିଥିଲେ । ଏହି ନିବେଶ ଉପରେ ସରକାର ବର୍ଷକ ମଧ୍ୟରେ 1,427.13 କୋଟି ଟଙ୍କା ସୁଧ ଉର୍ପାଜନ କରିଥିଲେ ।

- ତ୍ରୟୋଦଶ ଅର୍ଥ କମିଶନ ସୁପାରିସ କରିଥିଲେ ଯେ, ରାଜ୍ୟ ସରକାର ମାନେ ନୂତନ ଋଣ କରିବା ପୂର୍ବରୁ ସେମାନଙ୍କ ପାଖରେ ଥିବା ପ୍ରଚୁର ଅର୍ଥରାଶିକୁ ବିନିଯୋଗ କରିବାକୁ ପ୍ରଚେଷ୍ଟା କରିବେ। ସାଧାରଣ ବଳକା ଅର୍ଥ ରାଶି 24,760.15 କୋଟି ଟଙ୍କା ମଧ୍ୟରୁ 9,889.37 କୋଟି ଟଙ୍କର ମୁକ୍ତ ବଳକା ଅର୍ଥ ରାଶି ଥିଲା। ଅର୍ଥ କମିଶନର ସୁପାରିଶକୁ ବେଖାତିର କରି ରାଜ୍ୟ ସୁଧ ହାର 7.55 ରୁ 8.79 ପ୍ରତିଶତ ହାରରେ 9,019.54 କୋଟି ଟଙ୍କାର ବଜାର ଋଣ କରିଥିଲେ ।

ସରକାର ତାଙ୍କ ଉତ୍ତରରେ କହିଥିଲେ (ମଇ 2020) ଯେ ସାବାଧନ ପଦକ୍ଷେପ ସ୍ୱରୁପ, ଦୁଇ ମାସର ବେତନ ଓ ପେନ୍‌ସନ୍ ପ୍ରଦାନ ପାଇଁ ଅର୍ଥ ରାଶି ଗଚ୍ଛିତ ରଖିବା ଅପରିହାର୍ଯ୍ୟ। ହେଲେ ବି, ବର୍ତ୍ତମାନ ସ୍ତରର ଅର୍ଥ ରାଶିକୁ କମ୍ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ।

***ସୁପାରିଶ*** **–3 :** ରାଜ୍ୟ ସରକାର ନୂତଣ ଋଣ କରିବା ପୂର୍ବରୁ ଯାଞ୍ଚ କରିବା ଆବଶ୍ୟକ ଯେ, ସରକାରଙ୍କ ପାଖରେ ନିମ୍ନ ସୁଧହାର ଅର୍ଜନ କରୁଥିବା ପ୍ରଚୁର ଅର୍ଥ ରାଶି ଲବ୍ଧ ଥିଲାବେଳେ ଏହା ଅଧିକ ସୁଧ ହାରରେ ପାଣ୍ଠି କରଜ କରିବା ଆବଶ୍ୟକ କି। ସୁଧର ଚପରୁ ମୁକ୍ତି ପାଇବାକୁ ଓଡ଼ିଶା ସରକାର ପ୍ରଚୁର ଅର୍ଥରାଶି ଜମା ରଖିବାରୁ ନିବୃତ ହେବା ଆବଶ୍ୟକ ।

### 1.6.2 ସରକାରୀ ଦାୟ

ଓଡ଼ିଶା ସରକାରଙ୍କ ସମୁଦାୟ ଦାୟ ମୁଖ୍ୟତଃ ଆନ୍ତରୀଣ ଧାର, ଭାରତ ସରକାରଙ୍କ ଠାରୁ ଋଣ ଏବଂ ଅଗ୍ରିମ ଓ ସାଧାରଣ ହିସାବଖାତାରେ ଥିବା ଅର୍ଥ ରାଶିକୁ ନେଇ ଗଠିତ ।

## *1.6.2.1 ବକେୟା ଦାୟ/ ଧାରର ଉପାଦାନ*

ସମୁଦାୟ ବକେୟା ଦାୟର ଉପାଦନ ରେଖାଚିର୍ଟ 1.15 ରେ ପ୍ରଦତ୍ତ ।

ରେଖାଚିତ୍ର **1.15:** ରାଜ୍ୟ ସରକାରଙ୍କର ସମୁଦାୟ ବକେୟା ଦାୟର ଉପାଦାନ

| ସମୁଦାୟ ଦାୟ (**1,08,258** କୋଟି ଟଙ୍କା) | | |
|---|---|---|
| ବଜାର, ଆର୍ଥିକ ଅନୁଷ୍ଠାନ ଇତ୍ୟାଦିମାନଙ୍କ ଠାରୁ ଆଭ୍ୟନ୍ତରୀଣ ଋଣ (**50,421**କୋଟି ଟଙ୍କା) | ଭାରତ ସରକାରଙ୍କ ଠାରୁ ଋଣ ଏବଂ ଅଗ୍ରୀମ (**7,832** କୋଟି ଟଙ୍କା) | ସରକାରୀ ହିସାବ ଦାୟ ଯେଉଁଠାରେ ସରକାର ବ୍ୟାଙ୍କର ଭାବରେ କାମ କରନ୍ତି (**50,005** କୋଟି ଟଙ୍କା) |
| ବଜାର ଋଣ (28,031 କୋଟି ଟଙ୍କା) | ଯୋଜନା ପରିକଳ୍ପନା ପାଇଁ ଋଣ (7,817 କୋଟି ଟଙ୍କା) | କ୍ଷୁଦ୍ର ଜମା, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି (23,423 କୋଟି ଟଙ୍କା) |
| ଆର୍ଥିକ ଅନୁଷ୍ଠାନମାନଙ୍କ ଠାରୁ ଋଣ (13,106 କୋଟି ଟଙ୍କା) | ଅଣ ଯୋଜନା ଋଣ (15 କୋଟି ଟଙ୍କା) | ସୁଧବିହୀନ ସଂଗଠିତ ପାଣ୍ଠି (448 କୋଟି ଟଙ୍କା) |
| ଏନ୍‌ଏସ୍‌ଏସ୍‌ଏଫ କୁ ଦିଆ ଯାଇଥିବା ସତନ୍ତ୍ର ସୁରକ୍ଷା ଜମା (9,173 କୋଟି ଟଙ୍କା) | | ସୁଧବିହୀନ ସଂଗ୍ରହିତ ପାଣ୍ଠି (307 କୋଟି ଟଙ୍କା) |
| ଅନ୍ୟାନ୍ୟ ଋଣ (111 କୋଟି ଟଙ୍କା) | | ସୁଧ ଯୁକ୍ତ ଜମା (36 କୋଟି ଟଙ୍କା) |
| | | ସୁଧବିହୀନ ହେଉନଥିବା ଜମାରାଶି (25,791 କୋଟି ଟଙ୍କା) |

**ଉତ୍ସ** : ବିତ୍ତୀୟ ହିସାବ

- 2017-18 ରେ 23,531 କୋଟି ଟଙ୍କା ବଜାର ଋଣ 4,500 କୋଟି ଟଙ୍କା ବୃଦ୍ଧି ପାଇ 2018-19 ରେ 28,031 କୋଟି ଟଙ୍କା ହୋଇଥିଲା । ସେହିପରି, 2017-18 ରେ ହୋଇଥିବା 10,934 କୋଟି ଟଙ୍କାର ଆର୍ଥିକ ଅନୁଷ୍ଠାନରୁ ଋଣ ରାଶି 2,172 କୋଟି ଟଙ୍କା ବୃଦ୍ଧି ପାଇ 2018-19 ରେ 13,106 କୋଟି ଟଙ୍କା ହୋଇଥିଲା ।
- ଜାତୀୟ କ୍ଷୁଦ୍ର ଜମା ପାଣ୍ଠି ଯୋଜନାରୁ ରାଜ୍ୟର ସଂପୃକ୍ତିକୁ 1 ଅପ୍ରେଲ 2015 ସୁଦ୍ଧା ସମାପ୍ତ କରିବାକୁ ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିଶ କରିଥିଲେ । ମାତ୍ର ଆଜି ତାରିଖ ସୁଦ୍ଧା ହୋଇଥିବା ଧାର କରଜ ବୋଝକୁ ଦାୟିତ୍ୱର ସହ ସଂପାଦନ କରିବା ମଧ୍ୟରେ ରାଜ୍ୟର ଭୂମିକା ସୀମିତ ରହିଥିଲା । ଏହା ଫଳରେ ଏନ୍‌ଏସ୍‌ଏସ୍‌ଏଫ୍ କୁ ପ୍ରାଦନ କରାଯାଇଥିବା ସତନ୍ତ୍ର ଋଣରୁ ଦାୟ ଧିରେ ଧିରେ ହ୍ରାସ ପାଇଥିଲା ।

ଗତ ପାଞ୍ଚ ବର୍ଷରେ ବକେୟା ଦାୟର ଧାରା ରେଖାଚିତ୍ର 1.16 ରେ ପ୍ରଦର୍ଶିତ ହେଲା ।

ରେଖାଚିତ୍ର **1.16:** ବକେୟା ଦାୟର ଧାରା




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ଉପରୋକ୍ତ ରେଖା ଚିତ୍ରରୁ ଏହା ପରିଲକ୍ଷିତ ହୁଏ ଯେ, 31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ସରକାରଙ୍କ ଉପରେ 1,08,258 କୋଟି ଟଙ୍କାର ବକେୟା ଦାୟ ଥିଲା। ବିଗତ ପାଞ୍ଚ ବର୍ଷରେ ଏହି ଭାର କ୍ରମଶଃ ନିମ୍ନଗାମୀ ଧାରରେ ଅଛନ୍ତି । 2018-19 ବର୍ଷରେ ସରକାରଙ୍କ ସମୁଦାୟ ବକେୟା ଦାୟ ରାଜସ୍ୱ ପ୍ରାପ୍ତିର 1.09 ଗୁଣ ଥିଲା । ବକେୟା ଦାୟ 2017-18 ରେ ଜିଏସ୍‌ଡିପିର 22.27 ପ୍ରତିଶତ ବୃଦ୍ଧି ପାଇଁ 2018-19 ରେ ଏହା ଜିଏସ୍‌ଡିପିର 22.30 ପ୍ରତିଶତ ହୋଇଥିଲା । ପୂର୍ବ ବର୍ଷ ତୁଳନାରେ ବକେୟା ଦାୟ 11.42 ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ 2014-15 ତୁଳନାରେ 114.40 ପ୍ରତିଶତ ଥିଲା ।

### 1.6.2.2 ସଂରକ୍ଷିତ ପାଣ୍ଠି

ରାଜ୍ୟ ସରକାରଙ୍କର ପବ୍ଲିକ ଆକାଉଣ୍ଟ ଅଧିନରେ ନିର୍ଦ୍ଦିଷ୍ଟ ଓ ସଙ୍କାକୃତ ଉଦ୍ଦେଶ୍ୟ ପାଇଁ ଆରକ୍ଷିତ ପାଣ୍ଠି ସୃଷ୍ଟି କରାଯାଇଥାଏ । ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଏକତ୍ରିକୃତ ନିଧିରୁ ଅଂଶଦାନ କିମ୍ବା ଅନୁଦାନରୁ ପାଣ୍ଠିକୁ ଭରଣ କରାଯାଏ । 31 ମାର୍ଚ୍ଚ 2019 ସୁଦ୍ଧା ମୋଟ ଗଛିତ ହୋଇଥିବା 14,109 କୋଟି ଟଙ୍କାରୁ 13,354 କୋଟି ଟଙ୍କା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସରକାରୀ ଭଣ୍ଡାରରେ ନିବେଶ କରାଯାଇଥିଲା। 31 ମାର୍ଚ୍ଚ 2019 ସୁଦ୍ଧା ଅବଶିଷ୍ଟ ମୋଟ 755 କୋଟି ଟଙ୍କାର ପାଣ୍ଠି ଗଛିତ ଥିଲା।

2018-19 ରେ ମୁଖ୍ୟ ସଂରକ୍ଷିତ ପାଣ୍ଠି ଅଧିନରେ ହୋଇଥିବା ନେଣଦେଣର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା

**i) ଏକତ୍ରୀକୃତ ଋଣ ଶୋଧନ ପାଣ୍ଠି (ସି.ଏସ.ଏଫ) :** ଦ୍ୱାଦଶ ଅର୍ଥ କମିଶନଙ୍କ ଅନୁମୋଦନ ଅନୁଯାୟୀ ଓଡ଼ିଶା ସରକାର ବକେୟା ଦେୟତାର ଋଣ ପରିଶୋଧ ପାଇଁ ଏକତ୍ରିକୃତ ଋଣ ପରିଶୋଧନ ପାଣ୍ଠି ପ୍ରତିଷ୍ଠା କରିଥିଲେ । ଉକ୍ତ ପାଣ୍ଠିକୁ ପରିଚାଳନା କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମାବଳୀ ରହିଛି । ସେହି ନିୟମ ଅନୁସାରେ ପୂର୍ବ ବର୍ଷର ବକେୟା ଦେୟତାର 0.5 ପ୍ରତିଶତ ସର୍ବନିମ୍ନ ବାର୍ଷିକ ଅଂଶଦାନ ଚଳିତ ବର୍ଷରେ ଏସିଏସ୍‌ଏଫ କୁ ପ୍ରଦାନ କରାଯିବ । ରିଜର୍ଭ ବ୍ୟାଙ୍କ ସହିତ ପରାମର୍ଶ କରି ରାଜ୍ୟ ସରକାର 2018 ନଭେମ୍ବରର ବିଜ୍ଞପ୍ତିରେ, ଓଡ଼ିଶା ସରକାରଙ୍କର ଏକୀକୃତ ପରିଶୋଧନ ପାଣ୍ଠିର ଗଠନ ଓ ପରିଚାଳନାର ସଂଶୋଧନ କରିଥିଲେ ଏବଂ ପୂର୍ବ ବର୍ଷ ଶେଷ ସୁଦ୍ଧା ଯଦି ବଳକା ରାଶି, ରାଜ୍ୟ ସରକାରଙ୍କର ସମୁଦାୟ ଦାୟର 5 ପ୍ରତିଶତ ରୁ ଉଚ୍ଚ ସ୍ତରରେ ରହୁଥାଏ, ପାଣ୍ଠିକୁ ଦାନ ନ ଦେବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ବିଷୟ ସନିବିଷ୍ଟ କରିଥିଲେ ।

31 ମାର୍ଚ୍ଚ 2019 ସୁଦ୍ଧା ଏକୀକୃତ ପରିଶୋଧନ ପାଣ୍ଠିରେ 12,052.84 କୋଟି ଟଙ୍କାର ରାଶି ଥିଲା, ଯାହାକି ପୂର୍ବ ବର୍ଷ ଶେଷରେ (97,164 କୋଟି ଟଙ୍କା), ରାଜ୍ୟ ସରକାରଙ୍କର ସମୁଦାୟ ଦାୟର 12.40 ପ୍ରତିଶତ ଥିଲା (ନିର୍ଦ୍ଦିଷ୍ଟ ସ୍ତର 5 ପ୍ରତିଶତରୁ ଅଧିକ) । ତଦନୁସାରେ 2018-19 ରେ ରାଜ୍ୟ ସରକାର ଏକୀକୃତ ପରିଶୋଧନ ପାଣ୍ଠିକୁ କୌଣସି ଦାନ ଦେଇ ନଥିଲେ । ମାତ୍ର, ନିବେଶରୁ ମିଳିଥିବା ସୁଧ ରାଶି (2006-07 ରୁ 2017-18) 7,009.84 କୋଟି ଟଙ୍କାକୁ ପାଣ୍ଠିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସମୁଦାୟ ରାଶି ରିଜର୍ଭ ବ୍ୟାଙ୍କ ଦ୍ୱାରା ଭାରତ ସରକାରଙ୍କ ପ୍ରତ୍ୟାଭୂତିରେ ନିବେଶ କରାଯାଇଥିଲା ।

**ii) ପ୍ରତ୍ୟାଭୂତି ବିମୋଚନ ପାଣ୍ଠି (ଜି.ଆର.ଏଫ୍):** ସରକାରଙ୍କ ଦ୍ୱାରା ନିଶ୍ଚିତ ଋଣ ପରିଶୋଧରେ ଖିଲାପ ହେଉଥିବାରେ ପରିଶୋଧ ଦାୟିତ୍ୱକୁ ମୁକାବିଲା କରିବାକୁ 2002-03 ବର୍ଷରେ ଜି.ଆର.ଏଫ୍. ପ୍ରତିଷ୍ଠା ହୋଇଥିଲା । ରାଜ୍ୟ ସରକାର ପ୍ରତ୍ୟାଭୂତି ଦିଆଯାଇଥିବା ବକେୟାର ଏକ ପଞ୍ଚମାଂଶ ଓ ସେହି ବର୍ଷ ବର୍ଦ୍ଧିତ ପ୍ରତ୍ୟାଭୂତି କାରଣରୁ ମଗାଯାଇଥିବା ରାଶିକୁ ଅଂଶଦାନ କରିବା ଦରକାର । 2018-19 ରେ ଋଣ ପରିଶୋଧ ପାଇଁ କୌଣସି ଦାୟିତ୍ୱର ଆବାହାନ ହୋଇନଥିଲା, ତେଣୁ, ଓଡ଼ିଶା ସରକାର ଏହି ବର୍ଷ ଉକ୍ତ ପାଣ୍ଠିକୁ କୌଣସି ଦାନ କରିନଥିଲେ । ନିବେଶରୁ ସୁଧ ବାବଦକୁ (2002-03 ରୁ 2017-18) ପ୍ରାପ୍ତ 821.41 କୋଟି ଟଙ୍କା ପାଣ୍ଠିରେ ଅନ୍ତର୍ଭୁକ୍ତ କରାଯାଇଥିଲା । 31 ମାର୍ଚ୍ଚ 2019 ସୁଦ୍ଧା ପାଣ୍ଠିରେ ଅବଶେଷ 1,301.41 କୋଟି ଟଙ୍କା ଥିଲା, ଯାହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଭାରତ ସରକାରଙ୍କ ପ୍ରତିଭୂତିରେ ନିବେଶ କରାଯାଇଥିଲା ।

**iii) ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡ଼ିଆରଏଫ) :** 2018-19 ରେ କେନ୍ଦ୍ର ସରକାର 778.50 କୋଟି ଟଙ୍କା ଏବଂ ରାଜ୍ୟ ସରକାର 86.50 କୋଟି ଟଙ୍କା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିକୁ ପ୍ରଦାନ କରିଥିଲେ । ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନ୍.ଡ଼ିଆରଏଫ୍) ରୁ ଅନୁଦାନ ରାଶି 341.72 କୋଟି ଟଙ୍କା ଥିଲା । ଏସ୍‌ଡିଆର୍‌ଏଫ୍ ରେ ସମୁଦାୟ ରାଶି 4,202.98 କୋଟି ଟଙ୍କା ଥିଲା (91 ଦିନର ଟ୍ରେଜେରୀ ବିଲରେ ନିବେଶ ହୋଇଥିବା 1,588.33 କୋଟି ଟଙ୍କାରୁ ସୁଧ ବାବଦକୁ ମିଳିଥିବା 44.17 କୋଟି ଟଙ୍କାର ରାଶିକୁ ମିଶାଇ) । ଉକ୍ତ ପାଣ୍ଠିରୁ ରାଜ୍ୟ ସରକାର 3,755.44 କୋଟି ଟଙ୍କା ସେହି ବର୍ଷ ଖର୍ଚ୍ଚ କରିଥିଲେ । 31 ମାର୍ଚ୍ଚ 2019 ସୁଦ୍ଧା ଉକ୍ତ ପାଣ୍ଠିରେ 447 କୋଟି ଟଙ୍କା ଥିବାବେଳେ 31 ମାର୍ଚ୍ଚ 2018 ରେ ବଳକା ରାଶି 1,363.74 କୋଟି ଟଙ୍କା ରହିଥିଲା ।

ଏହା ପରିଲକ୍ଷିତ ହେଲା ଯେ 459.88 କୋଟି ଟଙ୍କା ନିବେଶ କରାଯାଇଥିଲେ ମଧ୍ୟ ଏହା ଖାତାରେ ପ୍ରତିଫଳିତ ହୋଇନଥିଲା ଏବଂ ଏଥିରୁ ପ୍ରାପ୍ତ ହୋଇଥିବା ସୁଧ (7.62 କୋଟି ଟଙ୍କା) ପାଣ୍ଠିକୁ ସ୍ଥାନାନ୍ତର ହୋଇନଥିଲା । ଫଳରେ 2018-19 ରେ ଅତିରଞ୍ଜିତ ରାଜସ୍ୱ ବଳକା ଏବଂ ବିତ୍ତୀୟ ନିଅଣ୍ଟ ଉପରେ 7.62 କୋଟି ଟଙ୍କାର ପ୍ରଭାବ ପଡ଼ିଥିଲା ।

**iv) ସୁଧ ବହନକାରୀ ଜମାକୁ ସୁଧ ପ୍ରଦାନ ନହେବା**

ସୁଧ ବହନକାରୀ ଜମା ଉପରେ ସୁଧ ପ୍ରଦାନ / ବ୍ୟବସ୍ଥା କରିବାକୁ ସରକାରଙ୍କର ଦାୟିତ୍ୱ । 2018-19 ରେ ସରକାରଙ୍କର ସଂପୃକ୍ତ ପ୍ରଶାସନିକ ବିଭାଗ ଠାରୁ ସ୍ୱୀକୃତି ନ ମିଳିବା ଯୋଗୁଁ ଜମା ରାଶି ଉପରେ 2.93 କୋଟି ଟଙ୍କାର ସୁଧ (ନିର୍ଦ୍ଦିଷ୍ଟ ସହାୟକ ପେନ୍‌ସନ୍ ଯୋଜନା ପାଇଁ ଜମାର ବକେୟା ରାଶି ଉପରେ 8.1 ପ୍ରତିଶତ ହିସାବରେ ଏବଂ ଅନ୍ୟାନ୍ୟ ସୁଧବାହୀ ଜମା ଉପରେ 7.5 ପ୍ରତିଶତ ହିସାବରେ ) ସମ୍ବନ୍ଧୀୟ ଜମା ଖାତାରେ ପଇଠ ହୋଇପାରି ନଥିଲା । ଏହା ଅତିରଞ୍ଜିତ ରାଜସ୍ୱ ବଳକା ଏବଂ ବିତ୍ତୀୟ ନିଅଣ୍ଟ ଉପରେ 2.93 କୋଟି ଟଙ୍କାର ପ୍ରଭାବ ପକାଇଥିଲା ।

### *1.6.2.3 ନିର୍ଭରୋକ୍ତି*

ରେଖାଚିତ୍ର **1.17:** ବକେୟା ପ୍ରତ୍ୟାଭୂତିର ଅବସ୍ଥା




ନିର୍ଭରୋକ୍ତି ପ୍ରଦାନ କରାଯାଇଥିବାଧାରକଙ୍କ ଦ୍ୱାର ଖିଲାପି ମାମଲାରେ ନିର୍ଭରୋକ୍ତି ଗୁଡିକ ରାଜ୍ୟ ଏକୀକୃତ ପାଣ୍ଠିର ଆକସ୍ମିକ ଦାୟ । 2014-15 ରୁ 2018-19 ପାଇଁ ବକେୟା ନିର୍ଭରୋକ୍ତିର ଧାରା **ରେଖାଚିତ୍ର 1.17** ରେ ଦର୍ଶାଗଲା । ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଥିଲେ (12 ନଭେମ୍ବର 2002) ଯେ ପ୍ରତିବର୍ଷ 1 ଏପ୍ରିଲ ସୁଦ୍ଧା ସମୁଦାୟ ବକେୟା ନିର୍ଭରୋକ୍ତି, ଦ୍ୱିତୀୟ ପୂର୍ବବର୍ତ୍ତୀ ବର୍ଷରେ ରାଜ୍ୟରେ ରାଜସ୍ୱ ପ୍ରାପ୍ତିର (ଅନୁଦାନ ବ୍ୟତୀତ) ଶତ ପ୍ରତିଶତରୁ ଅଧିକ ହେବ ନାହିଁ । 2018-19 ବର୍ଷ ଶେଷରେ ବକେୟା ନିର୍ଭରୋକ୍ତି (4,170 କୋଟି ଟଙ୍କା) ଦ୍ୱିତୀୟ ପୂର୍ବବର୍ତ୍ତୀ ବର୍ଷର ଅନୁଦାନ ବ୍ୟତୀତ ସମୁଦାୟ ରାଜସ୍ୱ ପ୍ରାପ୍ତି (59,217 କୋଟି ଟଙ୍କା) ର 7.04 ପ୍ରତିଶତ ଥିଲା ଏବଂ ଏହା ସଂକଳ୍ପ ପତ୍ରରେ ନିର୍ଦ୍ଧାରିତ ସୀମା ( ଶତ ପ୍ରତିଶତ) ମଧ୍ୟରେ ଥିଲା ।

ସରକାର ନିର୍ଭରୋକ୍ତିକୁ ଶତ ପ୍ରତିଶତ କ୍ଷତି ଭୟ ବର୍ଗରେ ବିବଚନା କରିଥିଲେ ଯଥା ଖିଲାପି କ୍ଷତିଭୟକୁ ରାଜ୍ୟ ସରକାର ବହନ କରିବାର ଥିଲା । 2018-19ରେ ସରକାର 2,458.61 କୋଟି ଟଙ୍କାର ନିର୍ଭରୋକ୍ତି ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍ (ଗ୍ରୀଡକୋ) କୁ ପ୍ରଦାନ କରିଥିଲେ । ସରକାରଙ୍କ ଦ୍ୱାରା ଜାମିନ୍ ରେ ସମୁଦାୟ ଋଣ ମଧ୍ୟରୁ, 98 ପ୍ରତିଶତ (4,068.87 କୋଟି ଟଙ୍କା) ଗ୍ରୀଡକୋର ଅଂଶ ଥିଲା ଯାହାକି **ରେଖାଚିତ୍ର 1.18** ରେ ଦର୍ଶାଗଲା ।

ରେଖାଚିତ୍ର **1.18:** 31 ମାର୍ଚ୍ଚ 2019 ସୁଦ୍ଧା ନିର୍ଭରୋକ୍ତି ପାଇଥିବା ସଂସ୍ଥା




**ଉତ୍ସ-; ବିତ୍ତୀୟ ଖାତା**

ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଭରୋକ୍ତି ପରିପ୍ରେକ୍ଷୀରେ , ସଂସ୍ଥାଗୁଡିକ କେତେକ କ୍ଷେତ୍ରରେ 0.01 ପ୍ରତିଶତରୁ 1 ପ୍ରତିଶତ ହାରରେ କମିଶନ ପଇଠ କରିବାର ଆବଶ୍ୟକତା ଥିଲା । ରାଜ୍ୟ 45.32 କୋଟି ଟଙ୍କାର ନିର୍ଭରୋକ୍ତି କମିଶନ ପାଇଥିଲେ, ଯାହାକି ବର୍ଷର ପ୍ରାରମ୍ଭରେ ବକେୟା ନିର୍ଭରୋକ୍ତିର 1.09 ପ୍ରତିଶତ ଥିଲା । ବିତ୍ତୀୟ ଖାତା ଅନୁଯାୟୀ , 31 ମାର୍ଚ୍ଚ 2019 ସୁଦ୍ଧା 356.05 କୋଟି ଟଙ୍କା ନିର୍ଭରୋକ୍ତି କମିଶନ ବା ଫି ପାଇବାକୁ ଥିବା ସ୍ଥଳେ ରାଜ୍ୟ 292.85 କୋଟି ଟଙ୍କା ପାଇଥିଲେ । ବଳକା ନିର୍ଭରୋକ୍ତି କମିଶନ 63.20 କୋଟି ଟଙ୍କା ଅଦ୍ୟାବଧି ପାଇବାକୁ ରହିଥିଲା । ଏହାର ସବିଶେଷ ବିବରଣୀ ସାରଣୀ 1.21 ରେ ଦର୍ଶାଗଲା ।

ସାରଣୀ **1.21:** ସରକାରଙ୍କ ଦ୍ୱାରା ପ୍ରାପ୍ତ / ପ୍ରାପ୍ତ ହେବାକୁ ଥିବା ନିର୍ଭରୋକ୍ତ କମିଶନ

(ଟଙ୍କା କୋଟିରେ)

| ସେକ୍ଟରର ନାମ | ସଂସ୍ଥାର ସଂଖ୍ୟା | ପ୍ରାପ୍ତ ହେବାକୁ ଥିବା କମିଶନ | ପ୍ରାପ୍ତ ହୋଇ ଥିବା କମିଶନ | ପ୍ରାପ୍ତ ହେବାକୁ ଥିବା କମିଶନ |
|---|---|---|---|---|
| ଶକ୍ତି | 4 | 285.53 | 254.73 | 30.80 |
| ସମବାୟ | 42 | 4.34 | 2.12 | 2.22 |
| ରାଜ୍ୟ ଅର୍ଥନିଗମ | 7 | 8.54 | 2.89 | 5.65 |
| ଗୃହ ଓ ନଗର ଉନ୍ନୟନ | 86 | 40.97 | 26.82 | 14.15 |
| ସଡ଼କ ଏବଂ ପରିବହନ | 2 | 1.84 | 1.84 | 0 |
| ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ର | 16 | 13.57 | 4.45 | 9.12 |
| ଅନ୍ୟାନ୍ୟ | 4 | 1.26 | | 1.26 |
| ମୋଟ | **161** | **356.05** | **292.85** | **63.20** |

ଉତ୍ସ : ବିତ୍ତୀୟ ହିସାବ 2018-19

## 1.7 ଋଣ ପରିଚାଳନା

31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ସରକାରଙ୍କର ବକେୟା ସରକାରୀ ଋଣ (ଆଭ୍ୟନ୍ତରୀଣ ଋଣ ଏବଂ ଭାରତ ସରକାରଙ୍କ ଋଣ ଓ ଅଗ୍ରୀମ ଏବଂ ସରକାରୀ ଦାୟ) 1,08,258 କୋଟି ଟଙ୍କା ଥିଲା । ଜିଏସ୍‌ଡ଼ିପି ର ବୃଦ୍ଧି ଠାରୁ (11.23 ପ୍ରତିଶତ) ସାମାନ୍ୟ ଅଧିକ ହାରରେ ବକେୟା ଋଣ, ପୂର୍ବ ବର୍ଷ ତୁଳନାରେ 11.42 ପ୍ରତିଶତ ବୃଦ୍ଧି ପାଇଥିଲା । ମାତ୍ର 2018-19 ରେ ଏହି ବୃଦ୍ଧି (11.42 ପ୍ରତିଶତ), ଅନୁରୂପ ଭାବରେ 2017-18 ବର୍ଷର ବୃଦ୍ଧି (35.66 ପ୍ରତିଶତ) ତୁଳନାରେ ବହୁ ନିମ୍ନରେ ଥିଲା । 2017-18 ରେ ସରକାରୀ ପାଣ୍ଠିରେ ଓଏମ୍‌ବିଏଡିସି ପାଣ୍ଠି ପ୍ରାପ୍ତ ହେବା ଯୋଗୁ ଏପରି ହୋଇଥିଲା । ବକେୟା ଋଣ ରାଶି 1,08,258 କୋଟି ଟଙ୍କା ମଧ୍ୟରୁ 26,098 କୋଟି ଟଙ୍କା ସୁଧ ବହନକାରୀ ନଥିଲା ( ସୁଧ ବିହୀନ ଜମା 25,791 କୋଟି ଟଙ୍କା ଏବଂ ସୁଧ ବିହୀନ ସଂରକ୍ଷିତ ପାଣ୍ଠି 307 କୋଟି ଟଙ୍କା ଯେଉଁଥିରୁ ଓଡ଼ିଶା ସରକାରଙ୍କ ପାଖରେ ନଗଦ ଆକାରରେ 24,760 କୋଟି ଟଙ୍କା ଥାଲା ।

### *1.7.1 କରଜ ପାଣ୍ଠିର ପ୍ରକୃତ ଉପଲବ୍ଧତା*

ସୁଧ ବାବଦକୁ ଦେୟ (5,800 କୋଟି ଟଙ୍କା) ଏବଂ କରଜ ପରିଶୋଧ (37,009 କୋଟି ଟଙ୍କା) ପରେ କରଜ ଯାଞ୍ଚରୁ (48,103 କୋଟି ଟଙ୍କା) ବାସ୍ତବିକ ରାଶି (5,294 କୋଟି ଟଙ୍କା) ସକରାତ୍ମକ ଥିଲା (11.01 ପ୍ରତିଶତ) । ମାତ୍ର, କରଜ ପାଣ୍ଠିରୁ ବାସ୍ତବିକ ଉପଲବ୍ଧ ରାଶି ପାଣ୍ଠି ଉନ୍ନୟନ ଉଦ୍ଦେଶ୍ୟ ପାଇଁ ଅପର୍ଯ୍ୟାପ୍ତ ଥିଲା । ବର୍ଷ ବର୍ଷ ଧରି ବକେୟା ଋଣ ବଢ଼ି ଚାଲିଥିବା ଯୋଗୁଁ ଅନୁକୂଳ ଭାବରେ କରଜ ଉପରେ ମଧ୍ୟ ସୁଧ ରାଶି ବଢ଼ିବଢ଼ି ଚାଲିଥିଲା । ଏହା ନିମ୍ନ ସାରଣୀ 1.22 ରୁ ପ୍ରତୀୟମାନ ହୁଏ ଯେ 2017-18 ରେ ଋଣର ପ୍ରକୃତ ଉପଲବ୍ଧ ରାଶିରେ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟିଥିଲା (20,553 କୋଟି ଟଙ୍କା), ଯାହାକି ସରକାରଙ୍କ ଦେୟ ଅଧିନରେ ଓଏମ୍‌ବିଏଡିସି ପାଣ୍ଠିରୁ 11,568 କୋଟି ଟଙ୍କା ପାଇବା ଯୋଗୁଁ ସମ୍ଭବ ହୋଇଥିଲା ।

### 1.7.2 ସରକାରୀ ଋଣ ପୋଷଣୀୟତା

ଭବିଷ୍ୟତରେ ସରକାରୀ ଋଣର ପରିଚାଳନାରେ ରାଜ୍ୟର କ୍ଷମତାକୁ ସରକାରୀ ଋଣ ସ୍ଥିରତା କୁହାଯାଏ । 2014-19 ମଧ୍ୟରେ ପାଞ୍ଚ ବର୍ଷ ଅବଧିରେ ରାଜ୍ୟର ସରକାରୀ ଋଣ ସ୍ଥିରତାର ବିଶ୍ଳେଷଣ ସାରଣୀ 1.22 ଏବଂ ରେଖାଚିତ୍ର **1.19, 1.20** ଏବଂ **1.21** ରେ ଦର୍ଶାଗଲା ।

**ସାରଣୀ 1.22 : ଋଣ ପୋଷଣୀୟତା : 2014-19 ମଧ୍ୟରେ ସଂକେତକ**

| ସରକାରୀ ଋଣ ପୋଷଣୀୟତାର ସଂକେତକ * | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ବକେୟା ଋଣ (ଟଙ୍କା କୋଟିରେ) | ***50,493*** | ***59,753*** | ***71,623*** | ***97,164*** | ***1,08,258*** |
| ବକେୟା ଋଣର ଅଭିବୃଦ୍ଧି ହାର (ପ୍ରତିଶତରେ) | 12.92 | 18.34 | 19.87 | 35.66 | 11.42 |
| ଜିଏସ୍‌ଡ଼ିପି (ପ୍ରଚଳିତ ଦରରେ) (ଟଙ୍କା କୋଟିରେ) | 3,14,250 | 3,28,549 | 3,93,808 | 4,36,374 | 4,85,376 |
| ଜିଏସ୍‌ଡ଼ିପି ର ଅଭିବୃଦ୍ଧି ହାର | 6.00 | 4.55 | 19.86 | 10.81 | 11.23 |
| ଋଣ /ଜିଏସ୍‌ଡ଼ିପି (ପ୍ରତିଶତରେ) ଅନୁପାତ | 16.07 | 18.19 | 18.19 | 22.27 | 22.30 |
| ଋଣ ପ୍ରାପ୍ତି ଏବଂ ଅନ୍ୟାନ୍ୟ ଦାୟ(ଟଙ୍କା କୋଟିରେ) | 18,365 | 22,787 | 33,782 | 61,698 | 48,103 |
| ଋଣ ପରିଶୋଧ (ମୂଳଧନ ଓ ସୁଧ) ଏବଂ ଅନ୍ୟାନ୍ୟ ଦାୟ ପରିଶୋଧ (ଟଙ୍କା କୋଟିରେ) | 12,585 | 13,527 | 21,912 | 36,157 | 37,009 |
| ସୁଧ ପରିଶୋଧ | 2,810 | 3,343 | 4,035 | 4,988 | 5,800 |
| ନୀଟ୍ ଋଣ | 2,970 | 5,917 | 7,835 | 20,553 | 5,294 |
| କର ରାଜସ୍ୱ (ଟଙ୍କା କୋଟିରେ) | 19,828 | 22,527 | 22,852 | 27,914 | 30,318 |

ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ;

* ଭାରତ ସରକାରଙ୍କ ଠାରୁ ଆଭ୍ୟନ୍ତରୀଣ ଋଣ ଏବଂ ଅଗ୍ରିମ

ରେଖାଚିତ୍ର : 1.19 ରାଜସ୍ୱ ପ୍ରାପ୍ତିର ପ୍ରତିଶତ ହିସାବରେ ସୁଧ ପ୍ରଦାନ




**ଉତ୍ସ** : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ରେଖାଚିତ୍ର 1.20 ଋଣ ପରିଶୋଧର ଧାରା ବନାମ ରାଜସ୍ୱ କର




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ରେଖାଚିତ୍ର 1.21 **ଋଣ ପରିଶୋଧ ବନାମ ଋଣ ପ୍ରାପ୍ତିର ଧାରା**




ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

ରାଜସ୍ୱ ପ୍ରାପ୍ତି ଅନୁସାରେ ସୁଧ ପ୍ରଦାନ 5.83 ପ୍ରତିଶତ ଥିଲା, ଯାହାକି ଓଡ଼ିଶା ଏଫ.ଆର.ବି.ଏମ୍ (ସଂଶୋଧନ) ଆଇନ୍ 2016 ରେ ଧାର୍ଯ୍ୟ ହୋଇଥିବା । ବିତ୍ତୀୟ ଲକ୍ଷ୍ୟ 15 ପ୍ରତିଶତ ଠାରୁ ଯଥେଷ୍ଟ କମ୍ ଥିଲା । ରାଜସ୍ୱ କରର ଋଣ ପରିଶୋଧ ପ୍ରତିଶତ 2017-18 ରେ ଥିବା 129.53 ପ୍ରତିଶତରୁ ହ୍ରାସ ପାଇ 2018-19 ରେ 122.07 ପ୍ରତିଶତ ହୋଇଥିଲା । ଋଣ ପ୍ରାପ୍ତିର ଋଣ ପରିଶୋଧ ପ୍ରତିଶତ ମଧ୍ୟ 2017-18 ର 58.60 ପ୍ରତିଶତରୁ ବୃଦ୍ଧି ପାଇ 2018-19 ରେ 76.94 ପ୍ରତିଶତ ହୋଇଥିଲା । ଏହା ପରିଲକ୍ଷିତ କରାଯାଇପାରେ ଯେ 2017-18 ତୁଳନାରେ 2018-19 ରେ ଓଏମ୍‌ବିଏଡିସି ପାଇଁ ଋଣ ପ୍ରାପ୍ତି ହ୍ରାସ ପାଇଥିଲା, ଯାହାକି ଋଣ ପରିଶୋଧ ଏବଂ ଋଣ ପ୍ରାପ୍ତିର ଅନୁପାତ 58.6 ରୁ ବୃଦ୍ଧି ପାଇଁ 76.9 ପ୍ରତିଶତ ଥିଲା ।

31 ମାର୍ଚ୍ଚ 2019 ସୁଦ୍ଧା ବକେୟା ବଜାର ଋଣ 28,031 କୋଟି ଟଙ୍କା ଥିଲା । ରାଜ୍ୟ ସରକାରଙ୍କର ଆଭ୍ୟନ୍ତରୀଣ ଋଣ (50,421 କୋଟି ଟଙ୍କା) ର ଏକ ମୁଖ୍ୟ ଭାଗ ବଜାର ଋଣ (28,031 କୋଟି ଟଙ୍କା) ଥିଲା, ଯାହାର ସୁଧ ହାର ଚାରି ରୁ 13.99 ପ୍ରତିଶତ ଥିଲା । 2018-19 ରେ ରାଜ୍ୟ ସରକାର ବଜାରରୁ 5,500 କୋଟି ଟଙ୍କାର ଋଣ କରିଥିଲେ ଏବଂ 1,000 କୋଟି ଟଙ୍କା ପରିଶୋଧ କରିଥିଲେ । ଚଳିତ ବର୍ଷ ବଜାର ଋଣ ପୂର୍ବ ବର୍ଷର ଋଣ (23,531 କୋଟି ଟଙ୍କା) ତୁଳନାରେ ପ୍ରକୃତ ପକ୍ଷେ 19.12 ପ୍ରତିଶତ (4,500 କୋଟି ଟଙ୍କା) ବୃଦ୍ଧି ପାଇଥିଲା ।

| ରେଖାଚିତ୍ର **1.22:** ନିଆଯାଇଥିବା ଅର୍ନ୍ତନିହିତ ଋଣ | ରେଖାଚିତ୍ର **1.23:** ଅର୍ନ୍ତନିହିତ ଋଣ ପରୋଶୋଧ |
|---|---|
| (ଟଙ୍କା କୋଟିରେ) | (ଟଙ୍କା କୋଟିରେ) |







ଉତ୍ସ : ସଂପୃକ୍ତ ବର୍ଷମାନଙ୍କର ବିତ୍ତୀୟ ହିସାବ

### *1.7.2.1 ଡୋମର ଆଦର୍ଶ-ଋଣ ସ୍ଥିରତା*

ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର ବିତ୍ତୀୟ ଘାଟା, ଜିଏସ୍‌ଡିପିର ଏକ ଅଂଶ ସ୍ୱରୁପ ହ୍ରାସ-ବୃଦ୍ଧି ଘଟି 2014-15 ରେ 1.74 ପ୍ରତିଶତରୁ 2018-19 ରେ 2.09 ପ୍ରତିଶତ ଥିଲା । ରାଜ୍ୟ, 2014-15 ରୁ 2018-19 ମଧ୍ୟରେ ରାଜସ୍ୱ ବଳକା ଓ ପ୍ରାଥମିକ ନିଅଣ୍ଟ ଦରଜ କରିଥିଲା ।

ଋଣ ସ୍ଥିରତାର ଆକଳନ ପାଇଁ ବିଭିନ୍ନ ପ୍ରଣାଳୀ ଥିଲା, ସେଥିମଧ୍ୟରୁ ଗୋଟିଏ ପ୍ରଣାଳୀ ହେଲା ଡୋମର ଆଦର୍ଶ[24] ।

ଏହି ପ୍ରଣାଳୀ ଆଧାରରେ ଋଣ ସ୍ଥିରତାର ଏକ ବିଶ୍ଳେଷଣ କରାଯାଇଥିଲା । ଏହାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା ।

| ଜି-ଆର୍ (ଜି-ପ୍ରକୃତ ଅର୍ଥନୈତିକ ବୃଦ୍ଧି ହାର, ଆର-ପ୍ରକୃତ ସୁଧ ହାରକୁ ଡୋମର ଗ୍ୟାପ୍ କୁହାଯାଏ | ଏସ୍ <0 (ପ୍ରାଥମିକ କ୍ଷତି) | ଏସ୍ >0 (ପ୍ରାଥମିକ ବଳକା) |
|---|---|---|
| ଜି-ଆର୍>0 (ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି) | ଜିଏସ୍‌ଡିପିର ସରକାରୀ ଋଣ ପ୍ରତିଶତ ଏକାଭିମୁଖି ହୋଇ ଶୁନ୍ୟ ଠାରୁ ଅଧିକ ଏକ ସ୍ଥିର ସ୍ତରରେ ରହିବା ଆବଶ୍ୟକ । | ଜିଏସ୍‌ଡିପିର ସରକାରୀ ଋଣ ପ୍ରତିଶତ ଏକାଭିମୁଖି ହୋଇ ଶୁନ୍ୟ ଠାରୁ କମ୍ ଏକ ସ୍ଥିର ସ୍ତରରେ ରହିଲେ ସରକାରୀ ସଞ୍ଚୟ ହେବ । |
| ଜି-ଆର୍>0 (ମନ୍ଥର ଅର୍ଥନୈତିକ ଅଭିବୃଦ୍ଧି) | ଜିଏସ୍‌ଡିପିର ସରକାରୀ ଋଣ ପ୍ରତିଶତ କୌଣସି ଏକାଭିମୁଖି ସ୍ଥିର ସ୍ତରରେ ନରହି ଅନିର୍ଦ୍ଦିଷ୍ଟ ବୃଦ୍ଧି ହେବା ଆବଶ୍ୟକ । | ବ୍ୟାଖ୍ୟା ହୋଇନଥିବା ପରିସ୍ଥିତି । |

ଓଡ଼ିଶା କ୍ଷେତ୍ରରେ ଏହି ପ୍ରୟୋଗର ବିଶ୍ଳେଷଣ ଫଳାଫଳ ନିମ୍ନ ସାରଣୀରେ ଦର୍ଶାଗଲା :

[24] ଇ.ଡି ଡୋମର, 1914-1997

**ସାରଣୀ 1.23: ଡୋମର ଆଦର୍ଶ –ଋଣ ସ୍ଥିରତା**

(ଟଙ୍କା କୋଟିରେ)

| ବର୍ଷ | ପ୍ରକୃତ ବୃଦ୍ଧି (ଜି)* | ପ୍ରକୃତ ସୁଧ# (ଆର୍) | ଜି-ଆର୍ (ଡୋମର ଗ୍ୟାପ୍) | ପ୍ରାଥମିକ କ୍ଷତି (ଏସ୍) (ଟଙ୍କା କୋଟିରେ) | ମନ୍ତବ୍ୟ |
|---|---|---|---|---|---|
| 2014-15 | 1.80 | -0.89 | 2.69 | (-) 2,669 | ଜି-ଆର୍>0 ଏବଂ ଏସ୍>0 : ଜିଏସ୍‌ଡିପିର ସରକାରୀ ଋଣ ପ୍ରତିଶତ ଏକ ସ୍ଥିର ସ୍ତରରେ ରହିବା ଆବଶ୍ୟକ । |
| 2015-16 | 7.97 | -1.01 | 8.98 | (-) 3,721 | |
| 2016-17 | 15.72 | 5.74 | 9.98 | (-) 5,343 | |
| 2017-18 | 6.68 | 3.10 | 3.58 | (-) 4,372 | |
| 2018-19 | 8.26 | 6.14 | 2.12 | (-) 4,357 | |

* ପ୍ରକୃତ ଅଭିବୃଦ୍ଧି ହାର ପ୍ରକୃତ ଜିଏସ୍‌ଜିପି ପାଇଁ ହିସାବ ହୁଏ(ସ୍ଥିର ଦରରେ) ।

# ପ୍ରକୃତ ସୁଧ ହାର ବିଯୁକ୍ତ ମୁଦ୍ରାସ୍ଫିତିରେ ପ୍ରକୃତ ସୁଧ ହିସାବ ହୋଇଅଛି ।

ପୁନଶ୍ଚ, ଋଣ ଜିଏସ୍‌ଡିପି ଅନୁପାତ 2018-19 ରେ 22.30 ପ୍ରତିଶତ ଥିଲା ଏବଂ ବିତ୍ତୀୟ କ୍ଷତି-ଜିଏସ୍‌ଡିପି ଅନୁପାତ 2.09 ପ୍ରତିଶତ ଥିଲା । ସମ୍ବନ୍ଧିତ ଏଫ୍‌ଆର୍‌ବିଏମ୍ (ସଂଶୋଧନ ନିୟମ) 2016 ଅନୁଯାୟୀ, 2014-19 ମଧ୍ୟରେ ଋଣର ବିତ୍ତୀୟ ଲକ୍ଷ୍ୟ 25 ପ୍ରତିଶତ ଥିଲା ଏବଂ ବିତ୍ତୀୟ କ୍ଷତି ସୀମା ଜିଏସ୍‌ଡିପିର 3.5 ପ୍ରତିଶତ ଥିଲା ।

ରାଜ୍ୟର ପୁଞ୍ଜି ଖର୍ଚ୍ଚ (2014-2019) ରେ 17.70 ରୁ 21.35 ପ୍ରତିଶତରେ ଘୁରି ବୁଲୁଥିଲା । 2014-15 ରୁ 2018-19 ମଧ୍ୟରେ, ରାଜ୍ୟ ପ୍ରାଥମିକ କ୍ଷତି କରିଥିଲା । ମାତ୍ର ଏହା ପରିଲକ୍ଷିତ ହୋଇଥିଲା ଯେ ଜି-ଆର୍ (ଡୋମର ଫାଙ୍କ) 2014-15 ରୁ 2018-19 ମଧ୍ୟରେ ସକରାତ୍ମକ ଥିଲା । ତେଣୁ, ଡୋମର ଆଦର୍ଶ ଅନୁଯାୟୀ, ସରକାରୀ ଋଣ ସ୍ତର ସ୍ଥିର ଥିବା ଦର୍ଶାଯାଇଥିଲା । ମାତ୍ର, ଏହା ଉଲ୍ଲେଖ ଯୋଗ୍ୟ ଯେ, ଜି-ଆର୍ ସ୍ଥିର ଅଥବା ଏକାଗ୍ର ଭାବରେ ବଢିଥିବା ଧାରା ଦରଜ ହୋଇନଥିଲା ।

ଅଧିକନ୍ତୁ, ଅନ୍ୟାନ୍ୟ ବିଷୟ ଯେପରିକି ସରକାରୀ ଖାତା ଦାୟ ଏବଂ ଅପ୍ରତିରୋଧ୍ୟ ଶକ୍ତି[25] ଏବଂ / କିମ୍ବା ରାଜସ୍ୱର କୌଣସି ଅନ୍ୟ ଅଣତାଲିକାଭୁକ୍ତ କ୍ଷତିକୁ ମଧ ରାଜ୍ୟ[26]ର ଋଣ ସ୍ଥିରତା/ ଦୃଢତାର ମୂଲ୍ୟ ନିର୍ଦ୍ଧାରଣ କଲାବେଳେ ହିସାବକୁ ନେବା ଉଚିତ୍ ।

## 1.8 ବିତ୍ତୀୟ ସୁଧାର ପଥ

ରାଜ୍ୟ ସରକାର ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ଓଡ଼ିଶା ଏଫ.ଆର.ବି.ଏମ୍ ଧାରା 2005 କୁ ସଂଶୋଧନ କରିଥିଲେ ଏବଂ ଓଡ଼ିଶା ଏଫ.ଆର.ବି.ଏମ (ସଂଶୋଧନ) ଧାରା 2016 କୁ 5 ନଭେମ୍ବର 2016 ରୁ ଲାଗୁ କରିଥିଲେ । ନିମ୍ନଲିଖିତ ବିତ୍ତୀୟ ଲକ୍ଷ୍ୟ 2015-16 ରୁ 2019-20 ପର୍ଯ୍ୟନ୍ତ ଥିଲା ।

---

25 ଚଳିତ କୋରୋନା ଭାଇରସ ସଂକଟ ଏବଂ ଜିଏସ୍‌ଡିପି ଉପରେ ଏହାର ପ୍ରଭାବ ।

26 ଯେପରି ଏଗୁଡ଼ିକ ପରିସଂଖ୍ୟାନ ଭିତ୍ତିରେ ପୂର୍ବାନୁମାନ କିମ୍ବା ଦୃଢ଼ କରାଯାଇ ପାରିବ ନାହିଁ । ଏଗୁଡ଼ିକୁ ବିଶ୍ଳେଷଣରେ ଗଣତି କରାଯାଇପାରି ନାହିଁ ।

ରେଖାଚିତ୍ର **1.24:** ଓଏଫବିଆରଏମ (ସଂଶୋଧନ) ଧାରା **2016** ର ବିତ୍ତିୟ ଧାର୍ଯ୍ୟ ଲକ୍ଷ୍ୟ




*ଉତ୍ସ : ଓଡ଼ିଶା ଏଫ୍.ଆର୍.ବି.ଏମ୍ (ସଂଶୋଧନ) ଧାରା* 2016

ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାର ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଅନୁସାରେ ଏବଂ ଓଡ଼ିଶା ଏଫ୍.ଆର.ବି.ଏମ (ସଂଶୋଧନ) ନିୟମ 2016 ର ସମସ୍ତ ବିତ୍ତୀୟ ପ୍ରାପ୍ତି ସାରଣୀ 1.24 ରେ ଦର୍ଶାଯାଇଅଛି ।

ସାରଣୀ **1.24:** 2018-19 ରେ ବିତ୍ତୀୟ ଲକ୍ଷ୍ୟ ଏବଂ ପ୍ରାପ୍ତି

| ମୁଖ୍ୟବିତ୍ତୀୟ ମାପକ | ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ | ବଜେଟ୍ ଆକଳନରେ ଲକ୍ଷ୍ୟ | ଏଫ୍.ଆର.ବି.ଏମ୍. ଧାରା ଅନୁଯାୟୀ ଲକ୍ଷ୍ୟ | ଲକ୍ଷ୍ୟ ପ୍ରାପ୍ତି |
|---|---|---|---|---|
| ରାଜସ୍ୱ ନିୟଣ୍ଟ (-) | 0 | 9,980 କୋଟି ଟଙ୍କା ରାଜସ୍ୱ ବଳକା | 0 | 14,190 କୋଟି ଟଙ୍କା ରାଜସ୍ୱ ବଳକା |
| ଜି.ଏସ୍.ଡ଼ି.ପିର ବିତ୍ତୀୟ ନିୟଣ୍ଟର ପ୍ରତିଶତ (-) | (-)3.5 ପ୍ରତିଶତ | 15,521 କୋଟି ଟଙ୍କା ବିତ୍ତୀୟ ନିୟଣ୍ଟ (-) 3.20 ପ୍ରତିଶତ | (-)3.5 ପ୍ରତିଶତ | 10,157 କୋଟି ଟଙ୍କା ବିତ୍ତୀୟ ନିୟଣ୍ଟ (-)2.09 ପ୍ରତିଶତ |
| ଜି.ଏସ୍.ଡ଼ି.ପିର ବିତ୍ତୀୟ ପ୍ରତିଶତ | 25 ପ୍ରତିଶତ | 20.7 ପ୍ରତିଶତ | 25 ପ୍ରତିଶତ | 22.30 ପ୍ରତିଶତ |
| ରାଜସ୍ୱ ପ୍ରାପ୍ତିର ସୁଧ ପ୍ରଦାନର ପ୍ରତିଶତ | 15 ପ୍ରତିଶତ | 5.49 ପ୍ରତିଶତ | 15 ପ୍ରତିଶତ | 5.83 ପ୍ରତିଶତ |
| ରାଜ୍ୟର ନିଜସ୍ୱ ରାଜସ୍ୱର ବେତନର ଅନୁପାତ | -- | 69.36 ପ୍ରତିଶତ | 80 ପ୍ରତିଶତ | 43.50 ପ୍ରତିଶତ |
| ଅଣସୁଧ ରାଜସ୍ୱ ବ୍ୟୟ ଏବଂ ରାଜ୍ୟ ନିଜସ୍ୱ ରାଜସ୍ୱର ଅନୁପାତ | -- | 51.51 ପ୍ରତିଶତ | 55 ପ୍ରତିଶତ | 41.38 ପ୍ରତିଶତ |

ଉତ୍ସ : ଚତୁର୍ଦ୍ଦଶ ଅର୍ଥ କମିଶନ, ଓଡ଼ିଶା ସରକାରଙ୍କ 2018-19 ର ବଜେଟ୍ ଦୃଷ୍ଟି ଏଫ୍ଆର୍‌ବିଏମ୍ ଧାରା ଏବଂ ବିତ୍ତୀୟ ହିସାବ 2018-19

ଉପରୋକ୍ତ ସାରଣୀ 1.24 ରୁ ଏହା ଦେଖାଗଲା ଯେ ଚତୁର୍ଦ୍ଦଶ ଅର୍ଥ କମିଶନ ଏବଂ ଏଫ.ଆର.ବି.ଏମ. ଧାରା ଅନୁଯାୟୀ ଧାର୍ଯ୍ୟ କରାଯାଇଥିବା ସମସ୍ତ ଲକ୍ଷ୍ୟକୁ ରାଜ୍ୟ ସରକାର ପୂରଣ କରିଅଛି ।

ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ ପରିଚାଳନା ଧାରା 2005 (ଓଡ଼ିଶା ଏଫ.ଆର.ବି.ଏମ୍ ଧାରା 2005) ଅନୁଯାୟୀ ରାଜ୍ୟ ସରକାର, ଉକ୍ତ ଧାରାର ବ୍ୟବସ୍ଥା ଅନୁପାଳନ ହୋଇଛି କି ନାହିଁ ପୁର୍ନବିଲୋକନ କରିବା ଏବଂ ଏହା

ଉପରେ ଏକ ରିପୋର୍ଟ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ପାଇଁ, ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଠାରୁ ସ୍ୱାଧିନ ଥିବା ଏକ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିବା ଦରକାର ।

ଓଡ଼ିଶା ଏଫ୍‌ଆର୍‌ବିଏମ୍ ଧାରା 2005 ର ବ୍ୟବସ୍ଥା ଅନୁଯାୟୀ 2015-16 ବର୍ଷର ରାଜ୍ୟର ଆର୍ଥିକ ସ୍ଥିତିକୁ ସ୍ୱାଧିନ ଭାବେ ପୁର୍ନବିଲୋକନ କରିବା ଦାୟିତ୍ୱ, ସାଧାରଣ ହିସାବ ଓ ନୀତିର ଜାତୀୟ ଅନୁଷ୍ଠାନ ନୂଆଦିଲ୍ଲୀ (ଏନଆଇପିଏ)କୁ ଅର୍ପଣ କରାଯାଇଥିଲା । ଏନଆଇପିଏଫପି, ପୁନଃବିଲୋକନ ରିପୋର୍ଟ 1 ଡ଼ିସେମ୍ବର 2017 ରେ ପ୍ରଦାନ କରିଥିଲା, ଯାହା ବିଧାନ ସଭାରେ ମାର୍ଚ୍ଚ 2018 ରେ ଉପସ୍ଥାପିତ ହେଲା ।

````
````